# ସାଲୁଗି ଫୁଲ
## ୨୦୨୨



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ସରଗି ଫୁଲ-୨୦୨୨
ସର୍ଜନାତ୍ମକ ଲିଖନ

# ସରଗି ଫୁଲ

ମୁଖ୍ୟ ସଂପାଦକ
**ଇନ୍ଦ୍ରମଣୀ ତ୍ରିପାଠୀ**

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

୨୦୨୨


ମୁଖ୍ୟ ସମ୍ପାଦକ : ଇନ୍ଦ୍ରମଣୀ ତ୍ରିପାଠୀ

ସମ୍ପାଦନା ମଣ୍ଡଳୀ : ଡଃ ଗୀତାଂଶୁ ମୋହନ ଦାଶ
ଦୀପକ ଦାସ
ପରମାନନ୍ଦ ପଟେଲ୍


ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ସରକାର

ମୁଦ୍ରଣ : କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଆଣ୍ଡ୍ କନ୍‌ସଲ୍‌ଟାନ୍ସି,
ବି-୫୧, ଶହୀଦନଗର, ଭୁବନେଶ୍ୱର





Date
Name
Email & Phone
Comments
ଦ୍ରୌପଦୀ ମୁର୍ମୁ





Visitor's Book
Kuntala Kumari Sabat Adivasi Girls' Hostel
Capital Girls' High School
Unit II, Bhubaneswar



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡିଶା

ଲୋକସେବା ଭବନ
ଭୁବନେଶ୍ୱର



# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅବସରରେ **ସର୍ଗିଫୁଲ** ନାମକ ଏକ ପତ୍ରିକା ପ୍ରକାଶ ପାଉଥିବା ଖୁସିର କଥା ।

ଆମର ଜନଜାତି ପିଲାମାନେ ଅସୀମ ପ୍ରତିଭାର ଅଧିକାରୀ । ଏହି ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଦିଗରେ ସର୍ଗିଫୁଲ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି । ପିଲାଙ୍କ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଏହା ଏକ ପ୍ରମୁଖ ମାଧ୍ୟମ ହୋଇଛି । ସର୍ଗିଫୁଲ ପତ୍ରିକାଟି ପିଲାମାନଙ୍କ ରଚନାତ୍ମକ ପ୍ରତିଭାର ବିକାଶ ସହିତ ସେମାନଙ୍କ ମଧ୍ୟରେ ଭାଷା ଓ ସାହିତ୍ୟ ପ୍ରତି ରୁଚି ବଢାଇବାରେ ମଧ୍ୟ ସହାୟକ ହୋଇଛି ।

ମୁଁ ସର୍ଗିଫୁଲ ମହୋତ୍ସବ ଓ ପତ୍ରିକା ପ୍ରକାଶନର ବହୁଳ ସଫଳତା କାମନା କରୁଛି ।

(ନବୀନ ପଟ୍ଟନାୟକ)



**ଶ୍ରୀ ଜଗନ୍ନାଥ ସାରକା**

ମନ୍ତ୍ରୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,

ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ

ଓଡ଼ିଶା




# ବାର୍ତ୍ତା

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ **"ସରଗିଫୁଲ୍ ମହୋତ୍ସବ-୨୦୨୨"** ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ଉନ୍ମୋଚିତ କରିବାରେ ସହାୟକ ହେବାସହ ସେମାନଙ୍କୁ ଭବିଷ୍ୟତରେ ଦକ୍ଷ ଏବଂ ଆଦର୍ଶ ନାଗରିକ ହେବାର ସୁଯୋଗ ସୃଷ୍ଟିକରିବ ବୋଲି ଆଶା । ଏହି ଅବସରରେ ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ଏହି ମହୋତ୍ସବ ଅବସରରେ ପ୍ରକାଶିତ ହେଉଥିବା ସ୍ମରଣିକା **"ସରଗିଫୁଲ୍"**ର ସଫଳ ପ୍ରକାଶନ ସହ **ସରଗିଫୁଲ୍ ମହୋତ୍ସବର** ସର୍ବାଙ୍ଗ ସଫଳତା କାମନା କରୁଛି ।

(ଜଗନ୍ନାଥ ସାରକା)





**ରୂପାରୋଶନ ସାହୁ**, ଭା.ପ୍ର.ସେ
କମିଶନର-ତଥା-ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ
ସଂଖ୍ୟାଲଘୁ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

# ଉତ୍ସର୍ଗ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସୃଜନ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ଆନୁକୂଲ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ 'ସରଗିଫୁଲ' ଉତ୍ସବ ପାଳନ ଅବସରରେ 'ସର୍‌ଗିଫୁଲ୍' ପତ୍ରିକା ପ୍ରକାଶ କରିଆସୁଅଛି । ଆମ ବିଭାଗର ପିଲାମାନଙ୍କ ସୃଜନ ସାମର୍ଥ୍ୟ ଅତୁଳନୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କ ସଂସ୍କୃତି, ଭାଷା ଓ ସାହିତ୍ୟ ମଧ୍ୟ ବହୁ ବିବିଧତାରେ ପରିପୂର୍ଣ୍ଣ । ସଂସ୍କୃତି ସହ ପ୍ରଗତିର କଥା ସେମାନଙ୍କ ଲେଖାରେ ଫୁଟିଉଠିବା ସ୍ୱାଭାବିକ । ମୁଖ୍ୟସ୍ରୋତର ଶିକ୍ଷାରେ ଜ୍ଞାନର ଆରୋପଣ କରିବା ଜନଜାତିଙ୍କ ଠାରୁ ଆରମ୍ଭ ହେବାର ଆବଶ୍ୟକତା ରହିଛି । ଆମ ପିଲାମାନେ ଅବଶ୍ୟ କିଶୋର ହୋଇପାରନ୍ତି ମାତ୍ର ଆଜନ୍ମ ସେମାନେ ସଂସ୍କୃତି ଓ ପ୍ରକୃତି ସହ ଜଡିତ ହୋଇ ରହିଛନ୍ତି । ସଂଘର୍ଷ ମଧ୍ୟରେ ବଂଚିବାର ସମ୍ଭାବନା ଖୋଜି ପାଇଛନ୍ତି । ଆଗକୁ ବଢିବାର ମାର୍ଗ ଦେଖାଇଛନ୍ତି । ସେହି ସବୁ କିଶୋର କିଶୋରୀଙ୍କ କୁହୁକପେଡି ରଚନାରେ, କବିତାରେ, ଗଳ୍ପରେ ପ୍ରକାଶିତ । ଆମକୁ ଦେଖିବାର ଅଛ ଏ ସବୁକୁ ଲୋକଲୋଚନକୁ ଆଣି ତାର ମୂଲ୍ୟବୋଧକୁ ପରଖିବାର । ପତ୍ରିକା ପ୍ରକାଶନ ଅବସରରେ ମୁଁ ସେମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଉଛି । ସେମାନେ ଆଗକୁ ବଢନ୍ତୁ, ସର୍‌ଗିଫୁଲ୍ ପ୍ରକାଶନ ଅବସରରେ ଏତିକି କାମନା କରୁଛି ।

(ରୂପାରୋଶନ ସାହୁ)



# ସଂପାଦକଙ୍କ କଲମରୁ

**ଇନ୍ଦ୍ରମଣୀ ତ୍ରିପାଠୀ**, ଭା.ପ୍ର.ସେ
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ



'ସରଗିଫୁଲ୍' ପତ୍ରିକାଟି ଆମ ବିଭାଗର ଛାତ୍ରଛାତ୍ରୀମାନଙ୍କ ଭିତରେ ସାହିତ୍ୟ ପ୍ରତି ଥିବା ଆଦର ଓ ଆଗ୍ରହର ପ୍ରତିଫଳନ । ସେମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାର ଉନ୍ମେଷ ଓ ବିକାଶ ନିମନ୍ତେ ଏହି ପତ୍ରିକାଟି ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା ରଖୁଛି ।

ଗତ ଦୁଇବର୍ଷ ହେଲା କୋଭିଡ୍ ମହାମାରୀର ପ୍ରକୋପ ଯୋଗୁଁ 'ସରଗିଫୁଲ୍' ଉତ୍ସବଟି ଅନୁଷ୍ଠିତ ହୋଇପାରି ନଥିଲା । ୨ ୦ ୨ ୨ ମସିହାରେ ଅନୁଷ୍ଠିତ ହେଉଥିବା ଏହି ଛାତ୍ର ମହୋତ୍ସବ 'ସରଗିଫୁଲ୍' ଅବସରରେ ଛାତ୍ରଛାତ୍ରୀମାନଙ୍କ ନିକଟରୁ ହସ୍ତଗତ ହୋଇଥିବା ଲେଖାଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଛି । ଆମ ନିକଟକୁ ଆସିଥିବା ଶତାଧିକ ଲେଖାଗୁଡ଼ିକ ମଧ୍ୟରୁ ଅଳ୍ପ କେତୋଟି ଲେଖା ପ୍ରକାଶ କରିବା ସମ୍ଭବ ହେଲା । ଆଶାକଲେ, ଏହି ପତ୍ରିକାଟି ନିଶ୍ଚିତ ଭାବରେ ପାଠକୀୟ ଆଦୃତି ଲାଭ କରିବ । ସରଗିଫୁଲ୍ ମହକରେ ସଭିଏଁ ମହକିତ ଓ ସୁରଭିତ ହୁଅନ୍ତୁ, ଏହା ହିଁ କାମନା ।

(ଇନ୍ଦ୍ରମଣୀ ତ୍ରିପାଠୀ)



# ସୂଚିପତ୍ର


| | | |
|---|---|---|
| ୧. | ସରଗର ଫୁଲ ଆମେ ସରଗି ଫୁଲ | ୧ |
| ୨. | ଆମ ବିଦ୍ୟାଳୟ ଓ ଛାତ୍ରାବାସର ନୀତିନିୟମ | ୩ |
| ୩. | ପିତାମାତା | ୫ |
| ୪. | ଗୀତ | ୬ |
| ୫. | ସରଗି ଫୁଲ | ୭ |
| ୬. | କନ୍ଧମାଳର ସୁନାଫୁଲ | ୮ |
| ୭. | କର୍ମ ହିଁ ଭଗବାନ | ୯ |
| ୮. | କନ୍ଧମାଳ ସଂସ୍କୃତି, ସଭ୍ୟତା | ୧୦ |
| ୯. | ସରଗିଫୁଲ | ୧୩ |
| ୧୦. | ହସକଥା | ୧୩ |
| ୧୧. | ଅନୁଚିନ୍ତା | ୧୪ |
| ୧୨. | ଖେଟୀ | ୧୫ |
| ୧୩. | ସ୍ୱର୍ଗ ଠାରୁ ମହାନ | ୧୬ |
| ୧୪. | ନବରଙ୍ଗେ ଭରା ଆମ ନବରଙ୍ଗପୁର | ୧୭ |
| ୧୫. | ଗଛଟିଏ | ୧୭ |
| ୧୬. | ମୂଲ୍ୟବୋଧ ଭିତ୍ତିକ ଶିକ୍ଷାବ୍ୟବସ୍ଥା | ୧୮ |
| ୧୭. | ପରିବେଶ | ୨୦ |
| ୧୮. | ସୁ ବିଚାର | ୨୧ |
| ୧୯. | ଏକତା ଏକ ଶକ୍ତିଶାଳୀ ଅସ୍ତ୍ର | ୨୩ |
| ୨୦. | ଶାନ୍ତି ମିଳିଲା ନାହିଁ | ୨୪ |
| ୨୧. | ବିଜ୍ଞାନର ଜୟଯାତ୍ରା | ୨୫ |
| ୨୨. | ଗୀତାର ପାଠ ପଢ଼ିବାର ଲକ୍ଷ୍ୟ | ୨୭ |
| ୨୩. | ବିଲୁଆ, କୁକୁର, ପିମ୍ପୁଡ଼ି, ହାତୀ ଓ ଶିକାରୀ | ୨୮ |
| ୨୪. | नीड का निर्माण | ୨୯ |
| ୨୫. | ଆମେ ସବୁ କୁନି କୁନି ପିଲା | ୩୦ |
| ୨୬. | ମା'ର ମଧୁର ବାଣୀ | ୩୧ |
| ୨୭. | ବୁଦ୍ଧି ଯାହାର ବଳ ତାହାର | ୩୧ |
| ୨୭. | ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ | ୩୨ |
| ୨୯. | ପିମ୍ପୁଡ଼ି ଓ ପଙ୍ଗପାଳ ଝିଣ୍ଟିକା | ୩୩ |

| | | |
|---|---|---|
| ୩୦. | ପାରିବି ମୁଁ କରି | ୩୪ |
| ୩୧. | ଏକରେ ଅନେକ | ୩୫ |
| ୩୨. | ଶାନ୍ତୁଆ ସରଗୀଫୁଲ | ୩୫ |
| ୩୩. | ଜନନୀ ଜନମ ମାଟି ଏଇ ମୋର ଗାଆଁ | ୩୬ |
| ୩୪. | ଅହଙ୍କାରୀ  କଇଁଛ | ୩୭ |
| ୩୫. | ଭୟ | ୩୮ |
| ୩୬. | ମା | ୪୦ |
| ୩୭. | ସଫଳତାର ଦୁଇ ପାଦ | ୪୧ |
| ୩୮. | ସମୟ ହିଁ  ଈଶ୍ୱର | ୪୨ |
| ୩୯. | ମାତାପିତା | ୪୩ |
| ୪୦. | ମଣିଷ ଗୋଟିଏ ଜାତି | ୪୪ |
| ୪୧. | ମୋ ଗାଁଟି | ୪୫ |
| ୪୨. | ଓଡିଶାର ଗୌରବ ଦ୍ରୌପଦୀ ମୁର୍ମୁ | ୪୬ |
| ୪୩. | ଅଦୃଶ୍ୟ ଶିଳ୍ପୀ | ୪୭ |
| ୪୪. | ମୁଁ ଚାଷୀ ଟିଏ | ୪୮ |
| ୪୫. | ଆମେରେ ଶାନ୍ତିଦୂତ | ୪୯ |
| ୪୬. | ମାଆ | ୫୦ |
| ୪୭. | ବୃକ୍ଷ ଓ ମନୁଷ୍ୟ ଭିତରେ ବନ୍ଧୁତା | ୫୧ |
| ୪୮. | ଉଚିତ୍ ଅନୁଚିତ୍ | ୫୨ |
| ୪୯. | ହସ କଥା | ୫୩ |
| ୫୦. | ସିଂହ ରାଜା ବୁଦ୍ଧି ଶିଖିଲା | ୫୪ |
| ୫୧. | କମ୍ପ୍ୟୁଟର ତଥା ବିବିଧ | ୫୫ |
| ୫୨. | ଶିକ୍ଷା, ସମାଜ ଓ ନୈତିକତା | ୫୬ |
| ୫୩. | କନ୍ୟାସନ୍ତାନ ଓ ନାରୀ | ୫୮ |
| ୫୪. | ସଂକ୍ରାନ୍ତି ପୁରୁଷ ଫକୀରମୋହନ | ୬୦ |
| ୫୫. | A Note on the Health Effects of Moringa olifera on adolescent Girls | ୬୩ |

# ସରଗର ଫୁଲ ଆମେ ସରଗି ଫୁଲ

୨୦୧୮ ମସିହା ସରଗିଫୁଲ ପତ୍ରିକାର ପ୍ରଥମ ପୃଷ୍ଠାରେ ଶିବପୁର ଆଶ୍ରମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ଛାତ୍ର ଶ୍ରୀମାନ୍ କାପୁରା ମୁର୍ମୁ ଏକ ସୁନ୍ଦର ଗୀତ 'ସରଗି ଫୁଲ' ରେ ଲେଖନ୍ତି:

"ସରଗ ଫୁଲ ସରଗି ଫୁଲ
ଆମେ ସରଗର ଫୁଲ"

ଆମ ବିଦ୍ୟାଳୟ ତଥା ଅବାସଗୃହର ସମସ୍ତ ଛାତ୍ର ଛାତ୍ରୀ ଗଣ ପ୍ରକୃତରେ "ସରଗର ଫୁଲ" ଅଥବା "ସ୍ୱର୍ଗର ଫୁଲ" । ଆମ୍ଭ ବିଦ୍ୟାଳୟରେ ପାଠ ପଢିବାକୁ ଆସୁଥିବା ସମସ୍ତ ଛାତ୍ର ଛାତ୍ରୀଗଣ ଏପରିକି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଆସୁଥିବା ପିଲାମାନେ ପ୍ରକୃତରେ ବହୁ ଜ୍ଞାନ ଏବଂ ଦକ୍ଷତାର ଅଧିକାରୀ । ଆମର ପୁରାଣ ଆଧାରିତ ଆଗ୍ରହକୁ ବିଜ୍ଞାନ ମଧ୍ୟ ସମ୍ମାନ ଜଣାଇ କହିଲାଣି ଯେ ପିଲାମାନେ ମା' ଗର୍ଭରୁ ଏବଂ ନିଜ ନିଜ ପରିବେଶରୁ ବହୁ ଜ୍ଞାନ ଆହରଣ କରିଥାନ୍ତି । ସୁତରାଂ ଆମ ବିଦ୍ୟାଳୟର ଏବଂ ଆବାସଗୃହର ପ୍ରତ୍ୟେକ ଛାତ୍ର ଛାତ୍ରୀ ପ୍ରକୃତିଦତ୍ତ ଅତି ଗୁଣ ସମ୍ପର୍ଣ୍ଣ ଏବଂ ସ୍ୱର୍ଗର ଫୁଲ ସମାନ ସରଗି ଫୁଲ ।

ମାର୍ଚ୍ଚ ୨୦୨୦ ରୁ ଡିସେମ୍ବର ୨୦୨୧, ପ୍ରାୟତଃ ୨ ବର୍ଷ କାଳ ସମଗ୍ର ମାନବ ସମାଜ କୋଭିଡ୍ ମହାମାରୀ ଦ୍ୱାରା ଆକ୍ରାନ୍ତ ହୋଇ ବହୁ ଘାତ ପ୍ରତିଘାତ ସହିଲେ । ମାତ୍ର ଏହି ସମୟରେ ଆମ୍ଭର ବହୁ ବିଦ୍ୟାଳୟ ଏବଂ ଅବାସଗୃହକୁ କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହସ୍ପିଟାଲ ତଥା କୋଭିଡ୍ ସଙ୍ଗରୋଧ କେନ୍ଦ୍ର (Quarantine Centre) ଭାବେ ବ୍ୟବହାର କରାଯାଇ ବହୁ ଜନ ଜୀବନ ରକ୍ଷା ହୋଇପାରିଲା । କୋଭିଡ୍ ମହାମାରୀ ସମୟରେ ଆମର ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାଁ ଗାଁ କୁ ଯାଇ ପିଲାମାନଙ୍କୁ ଜ୍ଞାନ ବିତରଣ କଲେ, ଏବଂ ଆମର ବିଦ୍ୟାଳୟର NCC, Red Cross, Scout and Guides ର ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀ ମାନେ ନିଜ ନିଜ ଗାଁ ଏବଂ ସମାଜରେ କୋଭିଡ୍ କଟକଣା ବିଷୟରେ ସଚେତନତା ବୃଦ୍ଧି କରିବାରେ ସରକାରଙ୍କୁ ସାହାଯ୍ୟ ମଧ୍ୟ କଲେ । ଉପରୋକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ କୋଭିଡ୍ ମହାମାରୀର ପ୍ରଥମ ଏବଂ ୨ୟ ଲହରର ଅତି ଭୟଙ୍କର ଅନିଶ୍ଚିତତା ଏବଂ ନିରାଶାର ସମୟରେ ଆମ୍ଭର ଶିକ୍ଷକ ଏବଂ ଛାତ୍ର ଛାତ୍ରୀଗଣ ବିଧି ପ୍ରେରିତ ଦେବଦୂତ ଭଳି କାର୍ଯ୍ୟ କଲେ ଏବଂ ଗାଁ ଗାଁ ରେ ଆଶାର ସଂଚାର କଲେ । ଆଶା ଦିନେ ଉପରୋକ୍ତ ବିଦ୍ୟାଳୟ ଏବଂ ଆବାସଗୃହରେ ତାମ୍ର ଫଳକ ସ୍ଥାପନା ମାଧ୍ୟମରେ ଆମ୍ଭ ବିଦ୍ୟାଳୟର ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଅବଦାନକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ ।

୨୦୨୧ ଜାନୁଆରୀ ଏବଂ ଫେବୃଆରୀ ମାସରୁ ବିଦ୍ୟାଳୟ ଏବଂ ଆବାସଗୃହ ଖୋଲିବା ପରେ ଆମ୍ଭର ଛାତ୍ର ଛାତ୍ରୀ ମାନଙ୍କୁ ଏକ ଉତ୍ସବମୁଖର ପରିବେଶକୁ ସ୍ୱାଗତ କରାଯାଏ ଏବଂ ଉତ୍ସାହବର୍ଦ୍ଧକ ଶିକ୍ଷା ପ୍ରଣାଳୀ ମାଧ୍ୟମରେ ଶିକ୍ଷା ଆଦାନ ପ୍ରଦାନ ଆରମ୍ଭ ହୁଏ । ଦୀର୍ଘ ୨ ବର୍ଷର କୋଭିଡ ମହାମାରୀର ପ୍ରଭାବକୁ ନଜରରେ ରଖି ସମସ୍ତ ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ, ମାନସିକ, ଏବଂ ମନସ୍ତାତ୍ତ୍ୱିକ ସ୍ଥିତିକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କର ବିଭିନ୍ନ ଖସଡା ସହ **"ନିଜ ସହ ତଥା ନିଜ ପରିବେଶ ସହ ପରିଚୟର"** କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଆରମ୍ଭ ହୁଏ । ଶ୍ରେଣୀଗୃହର ଶିକ୍ଷା ଦାନ ତଥା ଶିକ୍ଷା ଗ୍ରହଣ ସଙ୍ଗେ ସଙ୍ଗେ, ପିଲା ମାନଙ୍କୁ ହାତ, ହୃଦୟ ଏବଂ ମସ୍ତିଷ୍କ (Hand, Heart and Mind) ମାଧ୍ୟମରେ ଜ୍ଞାନ ଆହରଣ ପାଇଁ ଉତ୍ସାହିତ କରାଯାଏ । ପାଠ ସହ ଖେଳକୁଦ, ଉଦ୍ୟାନ କର୍ମ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାଚକୁଦ, ସଙ୍ଗୀତ, ଚିତ୍ରାଙ୍କନ ଇତ୍ୟାଦିକୁ ପ୍ରୋତ୍ସାହନ ଦିଆଯାଏ । ବିଦ୍ୟାଳୟ ଏବଂ ଆବାସଗୃହରେ ସମସ୍ତ କାର୍ଯ୍ୟକ୍ରମ ପିଲାମାନଙ୍କ ସହଭାଗିତାରେ କରାଯାଏ । PTM ମାଧ୍ୟମରେ ଅଭିଭାବକ ତଥା ସମାଜ (Community) ର ସହଭାଗିତାର ଆୟୋଜନ ମଧ୍ୟ କରାଯାଏ । NCC, Red Cross, Scout, Guide, Sports ଇତ୍ୟାଦି ମାଧ୍ୟମରେ ଏବଂ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ଶପଥ ଗ୍ରହଣ ସମାରୋହ, ଅଜାଦୀ କା ଅମୃତ ମହୋତ୍ସବ, ବନ ମହୋତ୍ସବ, ଜାତୀୟ ଖେଳ ଦିବସ, ଗୁରୁ

ଦିବସ, ଗାନ୍ଧୀ ଜୟନ୍ତୀ, ଶିଶୁ ଦିବସ, ବିଶ୍ୱ ମୃତ୍ତିକା ଦିବସ, ସୁରଭି-୨୦୨୨, ସରଗି ଫୁଲ-୨୦୨୨ ଭଳି କାର୍ଯ୍ୟକ୍ରମରେ ପିଲାମାନେ ବହୁ ଉତ୍ସାହରେ ଭାଗନେଇ ଶାରୀରିକ, ମାନସିକ ଏବଂ ଆତ୍ମିକ ସ୍ତରରେ "**ନିଜ ସହ ଏବଂ ନିଜ ପରିବେଶ ସହ ପରିଚୟ**" ହେବାର ସୁଯୋଗ ପ୍ରାପ୍ତି କରନ୍ତି ।

କୋଭିଡ ମହାମାରୀ କାରଣରୁ ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ୨୦୨୨ ମସିହା ନଭେମ୍ବର ଏବଂ ଡିସେମ୍ବର ମାସରେ ପୁଣିଥରେ ସରଗି ଫୁଲ୍ ମହୋତ୍ସବ ବିଦ୍ୟାଳୟ ଏବଂ ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତରରେ ପାଳନ ହେବା ମହାମାରୀ ସମାପ୍ତିର ଏକ ଶୁଭ ସୂଚନା ବୋଲି ଆଶା କରିବା । ଆସନ୍ତୁ ବିଦ୍ୟାଳୟର କୋଭିଡ ମହାମାରୀ ପରବର୍ତ୍ତୀ ସମୟର ମନ୍ତ୍ର "**ନିଜ ସହ ଏବଂ ନିଜ ପରିବେଶ ସହ ପରିଚୟ**" କୁ କେନ୍ଦ୍ର ରେ ରଖି ଆମେ ସମସ୍ତେ ମିଳିତଭାବେ ସମସ୍ତ ବିଦ୍ୟାଳୟ ଏବଂ ଛାତ୍ର ଛାତ୍ରୀ ନିବାସର ପରିବେଶକୁ କୋଭିଡ୍ ମହାମାରୀର ପୂର୍ବ ସମୟର ଉତ୍ସାହବର୍ଦ୍ଧକ ପରିବେଶ ଭଳି ପୁନର୍ବାର ଗଢ଼ିତୋଳିବା । ଓଡ଼ିଶାର ଜଣେ ଶିକ୍ଷକ ଲେଖିଥିବା ଅତି ଦୁର୍ଲଭ ପୁସ୍ତକ "ମିତ୍ରସ୍ୟ ଚକ୍ଷୁଷା" ପୁସ୍ତକର ମୁଖବନ୍ଧରୁ କିଛି ଅଂଶ ଆମ ସମସ୍ତଙ୍କ ପାଇଁ ନିମ୍ନରେ ପ୍ରସ୍ତୁତ କରାଗଲା :

*"ମଣିଷ ଭିତରେ ଅତି ଭିତରେ, ଏକାବେଳେକେ ତା'ର ଅସଲ ଗଭୀରରେ ଏମିତି ଗୋଟିଏ କିଏ ବସିଛି, ଯାହାକୁ ସିଏ ଯଥାର୍ଥରେ ମିତ୍ର ବୋଲି କହି ପାରିବ । ଗୋଟିଏ କଥାରେ କହିଲେ, ଆମେ ମିତ୍ରର ଚକ୍ଷୁରେ ହିଁ ଆପଣାକୁ ଦେଖି ଶିଖୁ, ଏବଂ ସବୁ କିଛିକୁ ଦେଖି ଶିଖୁ । 'ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ' । ଆପଣାର ଗଭୀରରେ ଅଧିକରୁ ଅଧିକ ଅଗ୍ରସର ହୋଇ ଏବଂ ଆପଣାର ଆକାଂକ୍ଷାଗୁଡ଼ାକୁ ଅଧିକରୁ ଅଧିକ ଅନ୍ତରଙ୍ଗ ଭାବରେ ସ୍ପର୍ଶ କରି ଆମେ ଏକ ଅଖଣ୍ଡ ସୂତ୍ରରୂପେ ଯାହାକୁ ଅନୁଭବ କରୁ, ସେଇ ହେଉଛି ଆମର ମିତ୍ର । ମଣିଷର ଯାବତୀୟ ଘରସଜଡ଼ା କେବଳ ଏହି ମିତ୍ରଟିଏ ପାଇପାରିବା ପାଇଁ ଅର୍ଥାତ୍ ମିତ୍ରଟିଏ ହୋଇପାରିବା ସକାଶେ । କୁମ୍ଭାର ଆପଣାକୁ ଦେଇ ହାଣ୍ଡିଟିଏ ଗଢୁଥିବା ସମୟରେ ହୁଏତ ହାଣ୍ଡିକୁ ଯେତେ ନଖୋଜେ, ହାଣ୍ଡି ଭିତରେ ଆପଣାର ସେହି ମିତ୍ରଟିକୁ ହିଁ ଖୋଜୁଥାଏ । କବି କବିତା ଲେଖୁଥିବା ସମୟରେ ବି ସେମିତି କବିତାକୁ ଯେତେ ଖୋଜୁ ନଥାଏ, କବିତା ଭିତରେ ସେହି ମିତ୍ରଟିକୁ ହିଁ ଖୋଜୁଥାଏ । ଆପଣାର ଦେଶ, ଆପଣାର ଜାତି, ଆପଣାର ଭାଷା ଓ ଆପଣାର ସାହିତ୍ୟ- ମଣିଷ ଏଗୁଡ଼ିକୁ ପ୍ରଧାନତଃ ସେହି ମିତ୍ରଟିଏ ଖୋଜିବାର ଅଭିକ୍ରମରେ ହିଁ ଆବିଷ୍କାର କରିପାରିଛି । ନିଜ ଭିତରେ ଥିବା ମିତ୍ରଟିକୁ ଆପଣାଇ ପାରିଲେ ସକଳ ଦିଗ ମିତ୍ରବତ୍ ହେବେ । ଏହାହିଁ ଯଥାର୍ଥ ଜୀବନର ଅଭିପ୍ସା ।"*

**ବିଶ୍ୱରଞ୍ଜନ ଶାସମଲ**
ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ
ଓଡ଼ିଶା ସରକାର

# ଆମ ବିଦ୍ୟାଳୟ ଓ ଛାତ୍ରାବାସର ନୀତିନିୟମ

ବିଦ୍ୟାଳୟ–ବିଦ୍ୟାର ଆଳୟ । ଏହା ହେଉଛି ଅନେକ ବିଦ୍ୟାର ଗନ୍ତାଘର । ହେଲେ ବିନା ନୀତି ନିୟମରେ ବିଦ୍ୟାଳୟର ପରିଚାଳନା କାଠିକର ପାଠ । ନୀତି ନିୟମ ବିନା ବିଦ୍ୟାଳୟ - ବିଦ୍ୟାଳୟ ହୋଇ ରହେ ନାହିଁ, ସତେ ଯେମିତି ଏହା ହୋଇଯାଏ ବିଶ୍ରାମାଳୟ ଓ ଭୋଜନାଳୟ । କେବଳ ବିଶ୍ରାମ ଓ ଭୋଜନଟିକୁ ଅଧିକ ଗୁରୁତ୍ୱ ଦେଲେ ବିଦ୍ୟାଳୟର ପ୍ରକୃତ ଲକ୍ଷ ପୂରଣ ହେବା ଠାରୁ ଆମେ ବହୁ ଦୂରରେ ରହିଯିବା ।

ମୋ ବିଦ୍ୟାଳୟର ନାମ ସରକାରୀ ଆଶ୍ରମ ବିଦ୍ୟାଳୟ, ପଳାସବାହାଲି, କଣିହାଁ, ଅନୁଗୋଳ । ବିଦ୍ୟାଳୟଟି ଏକ ସୁନ୍ଦର ରମଣୀୟ ସ୍ଥାନରେ ଗାଁର କୋଳାହଳ ଠାରୁ ଅନତିଦୂରରେ ଅବସ୍ଥାପିତ । ବିଦ୍ୟାଳୟ ପରିବେଶ ଅତି ମନଲୋଭା ଓ ଆକର୍ଷଣୀୟ । ଆମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସାହସୀ, ଉଚ୍ଚଶିକ୍ଷାଗତ ଯୋଗ୍ୟତା ଧାରୀ, ମେଳାପୀ ଓ ଦକ୍ଷ ପ୍ରଧାନ ଶିକ୍ଷକ । ସହକାରୀ ଶିକ୍ଷକ ଜଣେ ସରଳ ଅମାୟିକ ବ୍ୟକ୍ତିତ୍ୱ । ଅନ୍ୟତମ ସହକାରୀ ଶିକ୍ଷକ ଜଣେ ସରଳ ଓ ଛାତ୍ରବତ୍ସଳ ବ୍ୟକ୍ତିତ୍ୱର ଅଧିକାରୀ । ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ଜଣେ ଶାନ୍ତ, ସରଳ, ଶିକ୍ଷାପ୍ରେମୀ, ଛାତ୍ରବତ୍ସଳା ଶିକ୍ଷୟିତ୍ରୀ । ଏ ସମସ୍ତଙ୍କ ଉଦ୍ୟମରେ ବିଦ୍ୟାଳୟର ନୀତି ନିୟମ ତଥା ଅନୁଶାସନର ବ୍ୟବସ୍ଥା କରାଯାଇଅଛି । ବିଦ୍ୟାଳୟର ନୀତି ନିୟମ ଅର୍ଥାତ କିପରିଭାବେ ଗୋଟିଏ ଦିନର ସମୟକୁ ସଦୁପଯୋଗ କରିବା ସେ ବିଷୟରେ ମୁଁ ଲେଖିବାକୁ ଯାଉଛି ।

ଠିକ୍ ବ୍ରାହ୍ମମୁହୂର୍ତ୍ତ ଅର୍ଥାତ୍ ୪.୩୦ ରୁ ୫.୦୦ଟା ରେ ଆମର ପ୍ରଥମ ଘଣ୍ଟି ବାଜିଥାଏ । ସମସ୍ତେ ଶଯ୍ୟା ତ୍ୟାଗ କରି ନିଜର ନିତ୍ୟକର୍ମ ସାରି ସକାଳ ପ୍ରାର୍ଥନା କରିଥାଉଁ । ତା ପରେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିଥାଉ । ନିଜେ ପରିଷ୍କାର ହୋଇ ସକାଳ ଜଳଖିଆ ଗ୍ରହଣ କରୁ । ତତ୍‌ପରେ ପ୍ରାତଃ ଅଧ୍ୟୟନ କରିଥାଉ । ସକାଳ ୮.୨୦ ରେ ଆମର ଗାଧୋଇବା ଘଣ୍ଟି ଦିଆଯାଏ । ଗାଧୋଇବା ପରେ ଠିକ୍ ୯.୧୫ରେ ଆମେ ସକାଳ ଭୋଜନ କରିଥାଉଁ । ତତ୍‌ପରେ ବିଦ୍ୟାଳୟ ଯିବାପାଇଁ ପ୍ରସ୍ତୁତ ହେଉ । ବିଦ୍ୟାଳୟରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅଧ୍ୟୟନ କରୁ । ଅଧ୍ୟୟନ ଭିତରେ କେତେବେଳେ ସମୟ ସରିଯାଏ ଜଣା ପଡେନାହିଁ । ବିଦ୍ୟାଳୟରେ ବିଭିନ୍ନ ଦିବସ ଗୁଡିକ ଖୁବ୍ ଧୁମଧାମ୍‌ରେ ପାଳନ କରାଯାଏ । ପ୍ରତ୍ୟେକ ଶନିବାର ଦିନ ଆମ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ମାନ କରାଯାଏ । ବିଦ୍ୟାଳୟରେ ଶିକ୍ଷକ ମାନଙ୍କ ପ୍ରତି ସମ୍ମାନ ଥାଏ । ହେଲେ ସବୁଠାରୁ ଅଧିକ ସମ୍ମାନ ଥାଏ ପ୍ରଧାନଶିକ୍ଷକଙ୍କୁ ।

ବିଦ୍ୟାଳୟ କାର୍ଯ୍ୟକ୍ରମ ପରେ ଆମେ ଖେଳିବାକୁ ଯାଇଥାଉଁ । ଖେଳ-ଶିକ୍ଷାର୍ଥୀମାନଙ୍କ ମାନସିକ ଓ ଶାରିରୀକ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ତେଣୁ ପ୍ରତ୍ୟେକ ଦିନ ଆମ୍ଭେ ଖେଳର ଅଭ୍ୟାସ କରିଥାଉଁ ।

ସନ୍ଧ୍ୟା ୬ଟାରେ ଆମର ସନ୍ଧ୍ୟାପ୍ରାର୍ଥନାରେ ସମସ୍ତ ଅନ୍ତେବାସୀ ଏକତ୍ରିତ ହୋଇ ପ୍ରାର୍ଥନା କରିଥାଉ । ପ୍ରାର୍ଥନା ସଭାରେ ଶାନ୍ତି ଶୃଙ୍ଖଳାର ସହିତ ପ୍ରାର୍ଥନା କରି ନିଜକୁ ଆଧ୍ୟାତ୍ମିକ ବାତାବରଣରେ ରଖି ମନକୁ ଶାନ୍ତି ପ୍ରଦାନରେ ତତ୍ପର ହୋଇଥାଉ । ସଂଧ୍ୟା ପ୍ରାର୍ଥନା ପରେ ରାତ୍ରୀର ଅଧ୍ୟୟନ କରିଥାଉଁ । ଅଧ୍ୟୟନ ସମୟରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ପରିଦର୍ଶନରେ ଆସନ୍ତି । ପରିଦର୍ଶନ ସମୟରେ ଆମ୍ଭ ମାନଙ୍କ ବିଭିନ୍ନ ପ୍ରଶ୍ନର ସମାଧାନ କରନ୍ତି ।

ବିଦ୍ୟାଳୟର ଛାତ୍ରବାସରେ ଅନ୍ତେବାସୀ ମାନେ ଛୁଟିଦିନ ଗୁଡିକର ଭରପୁର ମଜା ଉଠାନ୍ତି । ସେଦିନ ସମସ୍ତେ ଟେଲିଭିଜନ୍ ଦେଖିଥାଉଁ । ଅନ୍ତେବାସୀ ଜୀବନ ଏକ ଶୃଙ୍ଖଳିତ ଜୀବନ । ନୀତିନିୟମ ମାନି ଚଳିଲେ ଆମ୍ଭମାନଙ୍କର ଭବିଷ୍ୟତ ନିଶ୍ଚୟ ଉଜ୍ଜ୍ୱଳମୟ ହେବ ।

ସମସ୍ତ ନୀତିନିୟମ ମାନି ଚଳିଲେ ବିଦ୍ୟାଳୟର ନାମଟି ଯଥାର୍ଥରେ ପ୍ରସ୍ଫୁଟିତ ହୋଇ ନିଜର ସୁରଭିକୁ ଚତୁର୍ଦ୍ଦିଗରେ ବିଚ୍ଛୁରିତ କରିବ ।

**ଶ୍ରୀ ଦୀପୁବାନ ସିଂ, ଶ୍ରେଣୀ- ସପ୍ତମ**

ସରକାରୀ ଆଶ୍ରମ ବିଦ୍ୟାଳୟ, ପଳାଶବାହାଳି, ଅନୁଗୁଳ

## ମୋ ସ୍ୱପ୍ନର ବିଦ୍ୟାଳୟ



Markanda Naik, Class-Viii, Govt. SSD High School,Naranapur, Keonjhar

# ପିତାମାତା

ଜନନୀ ଗର୍ଭରୁ ଜନମ ହୋଇଲି
ସମସ୍ତଙ୍କ ମନେ ଖୁସି ।
ପିତା ମାତା ମୋର ଅତି ଆନନ୍ଦରେ
ହାତରେ ଦେଲେ ଆଉଁଷି ॥୧॥
ଚାଲି ମୁଁ ଶିଖିଲି ବାପା ମାଆ ସାଥେ
ଧରିଲି ପଣତ କାନି ।
ବିଦ୍ୟାଳୟରେ ମୋ ନାମ ଲେଖାଇଲେ
ସାଙ୍ଗରେ ଦେଲେ ବସ୍ତାନି ॥୨॥
ଠାକୁରଙ୍କ ପାଖେ ଜଣାଣ କରନ୍ତି
ଭଲ ମଣିଷଟେ ହେଉ ।
ସବୁ ପିଲା ମଧ୍ୟେ ଶ୍ରେଷ୍ଠ ହୋଇକରି
ସୁନାମକୁ ଅର୍ଜୁଥାଉ ॥୩॥

ଯେପରି ଦ୍ରୌପଦୀ ମୁର୍ମୁ ଆମର
ହୋଇଛନ୍ତି ରାଷ୍ଟ୍ରପତି ।
ଓଡିଶାର ଝିଅ ଆମ ଗଉରବ
ରଖି ଅଛନ୍ତି କୀରତି ॥୪॥
ପିତାମାତାଙ୍କର ସେନେହ ଆଦର
କେହି ନପାରିବେ ଦେଇ ।
ମୋର ଛୁଆ ବୋଲି ସମ୍ବୋଧନ ଡାକେ
ଆତ୍ମା ପେଟ ପୁରିଥାଇ ॥୫॥
ବୁଢାବୁଢୀ କାଳେ ସେବାଟିକେ ମିଳୁ
ଏହା ହିଁ ତାଙ୍କର ଆଶା ।
ପ୍ରତି ମୁହୂର୍ତ୍ତରେ ଭାବୁଥିବି ବସି
ମୁଁ ସେମାନଙ୍କ ଭରସା ॥୬॥

ବିକ୍ରମ କୁମାର ନାଏକ, ପ୍ରଧାନ ଶିକ୍ଷକ
ଜମରଡିହି ଆଶ୍ରମ ବିଦ୍ୟାଳୟ, ଅନୁଗୁଳ



# ଗୀତ



ସ୍ୱଚ୍ଛ ଭାରତ
    ସ୍ୱଚ୍ଛ ଭାରତ
ଖାଇବା ପୂର୍ବରୁ
    ଧୋଇବା ହାତ
ରୋଗ ହେବ ନାହିଁ
    ରହିବା ସୁସ୍ଥ ।
ଜମି ରହିଥାଏ
    ପାଣି ଯେଉଁଠି
ବ୍ୟାପେ ମ୍ୟାଲେରିଆ
    ଡେଙ୍ଗୁ ସେଇଠି ।
ଆବର୍ଜନା କୁ ଦୂରେଇ ଦେବା
    ସୁସ୍ଥ ଜୀବନ ଆମେ ପାଇବା ।
ସ୍ୱଚ୍ଛ ପରିବେଶ
    ଅଟେ ଯାହାର
ବେମାରି ମାଡେନି
    ପାଖ ତାହାର ।
ସ୍ୱଚ୍ଛ ଏକ ଅଭିମାନ
    ସଭିଏଁ ଦେଲେ ଯୋଗଦାନ
ଗାଁ ଟି ମୋର ହେବ ସୁନ୍ଦର
    ନକର ଏହାକୁ ଅପରିଷ୍କାର ।



ଓଁପ୍ରୀୟା ମହାନ୍ତି
ଶ୍ରେଣୀ- ଦଶମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡେରାଙ୍ଗ, ଅନୁଗୁଳ

# ସରଗି ଫୁଲ

ଶିଶୁଙ୍କ ମହୋତ୍ସବ ଇଏ ଖୁସିର ମହଲ
ସମସ୍ତେ ଏଠି ତାଙ୍କ ପ୍ରତିଭାରେ ମହାନ୍
କେହି ନୁହଁନ୍ତି ଏଠି କାହାଠାରୁ କମ୍
ଆମେ ଆମ କାମ ପାଇଁ ପାଇବା ସମ୍ମାନ ।।

କେତେ ଜ୍ଞାନୀ ଗୁଣି ଧାରୀ ପ୍ରତିଯୋଗୀ ଗଣ
ଆସି ଦେଖେଇ ଦିଅନ୍ତି ପ୍ରତିଭାର ପଣ
ଦର୍ଶକେ ହୁଅନ୍ତି ଖୁସିରେ ଉଲ୍ଲାସ
କୁନିକୁନି ପିଲାଙ୍କର ମହାନ ପ୍ରୟାସ ।।

ନୃତ୍ୟ, ଅଭିନୟ ମାଧ୍ୟମରେ ଦିଅନ୍ତି ସେ ବାର୍ତ୍ତା
ନିଜେ ଅଭିନୟେ ବୁଡି ରହି ହୁଅନ୍ତି ସେ କର୍ତ୍ତା
ସରଗିଫୁଲ ପ୍ରତି ଛାତ୍ରଛାତ୍ରୀ ହୋଇଥାନ୍ତି ଆଦରଣୀୟ
ଆମ ପାଇଁ ସଦା ତାଙ୍କ ବାର୍ତ୍ତା ହୋଇଥାଏ ମହନୀୟ ।।

ତର୍କ ବିତର୍କରେ ଶୋଭା ହୋଇଥାଏ ଶୋଭିଭୂତ
ସାଧାରଣ ଜ୍ଞାନରେ ପରିପୂର୍ଣ୍ଣ ଛାତ୍ରଛାତ୍ରୀଙ୍କ ଜ୍ଞାନ
ସଂଗୀତର ତାନେ ତାନେ ଦର୍ଶକଙ୍କ ମନ ମୋହିତ
ନୃତ୍ୟର ତାଳେ ତାଳେ ଏଇ ଶିଶୁଙ୍କ ସମାରୋହ ।

ହୀରାମଣୀ ମାର୍ଣ୍ଡି
ଶ୍ରେଣୀ- ଦ୍ୱାଦଶ
ସରକାରୀ ଏସ୍. ଏସ୍. ଡି. ଏଚ୍. ଏସ୍. ଏସ୍., ବଧୂନିଆ, ବିଶୋଇ, ମୟୂରଭଞ୍ଜ

# କନ୍ଧମାଳର ସୁନାଫୁଲ୍

କନ୍ଧମାଳର ସୁନାଫୁଲ ଆମେ
ସରଳ ଆମ ଜୀବନ,
ନାହିଁ ଛନ୍ଦ ମନ୍ଦ ହିଂସା ଭାବ ମନେ
ନିରିମଳ ଆମ ମନ ।
ଶାଗ, କନ୍ଦା, ମକା, ଝୁଡୁଙ୍ଗ, ମହୁଲ
ଆମରି ପ୍ରିୟ ଆହାର
ଆମ୍ବ, ପଣସ ଯେ ଆହା କି ଡଉଲ
ରଖେ ପରାଣ ଆମର ।
କୁଏରି, ମାଣ୍ଡିଆ,ହଳଦୀ,କାନ୍ଦୁଲ
ସତରେ ଆହା କି ମଜା,
ଲୋଭ ନାହିଁ ଆମ ରାଜାଙ୍କ ମହଲ
ବନ ତ ଆମର ରଜା ।
ସବୁଜ ବନାନୀ ପଶୁ ପକ୍ଷୀ ସାଥେ
ଆମର ଜୀବନ ବନ୍ଧା,
ପକ୍ଷୀଙ୍କ କାକଳି, ପଶୁଙ୍କ ବୋବାଳି
ସତେକି ରଜନୀଗନ୍ଧା ।
ଅଧୁନା ମାନବ ଦାନବ ସାଜୁଛି
କାଟିକୁଟି ବନଭୂଇଁ
ଜାଳିପୋଡି ସବୁ ନାଶ କରୁଅଛି
ସବୁଜ ବନାନୀ ଭାଇ ।

ଆମରି ଚଳଣି, ଆମ ବେଶ ଠାଣି
ଦେଖିଲେ ହସନ୍ତି ଜନେ,
କାହାକୁ ଖାତିର ନଥାଏ ଆମରି
ଖୁସି ଦେଉ ସର୍ବ ମନେ ।
ଆମ ପରମ୍ପରା ସବୁଠୁ ନିଆରା
ଜନମନ ମୋହି ନିଏ,
ପୂଜା ପାଠ ଆହା ସତେ କି ସୁନ୍ଦର
କୁଇ ଗୀତ, ନାଚ ଶୋଭା
ଆମରି ପାଇଁକି ନାନାଦି ଯୋଜନା
ବିକାଶର ରାହା ଧରି,
ସରକାର କାଳେ କରୁଛନ୍ତି ଚିନ୍ତା
ହସ ଫୁଟିବ ଆମରି ।
ମୁହଁରେ ଚିତାକୁ କୁଟି ଦେଉଥିଲୁ
ଫିରଙ୍ଗୀ ଶାସନ କାଳେ,
ସୁନ୍ଦରୀ ଦେଖିଲେ ବଳୀ ସାଜୁଥିଲୁ
ନପଡୁବା ନଜର ବଳେ ।
ଆହୁରି ଅଧିକ ନଜର ଦେବାକୁ
କରୁ ଆମେ ନିବେଦନ,
ଅନ୍ଧ ବିଶ୍ୱାସକୁ ଦୂର କରିବାକୁ
ଆମେ ହେବା ସଚେତନ ।

ପ୍ରେମଲତା ସାହୁ, ଶିକ୍ଷୟିତ୍ରୀ
ବେଲଘର ଉଚ୍ଚ ବିଦ୍ୟାଳୟ
କନ୍ଧମାଳ


# କର୍ମ ହିଁ ଭଗବାନ


ବହୁତ ଦିନ ତଳର କଥା – ଗଙ୍ଗାନଦୀ କୂଳରେ ଜଣେ ଋଷି ଆଶ୍ରମ କରି ରହୁଥିଲେ । ନଦୀର ଅପର ପାର୍ଶ୍ୱରେ ଜଣେ କଂସେଇ ରହୁଥିଲେ । ମାଂସ ଦୋକାନ କରି ବ୍ୟବସାୟ କରୁଥିଲେ । ଋଷି ପ୍ରତିଦିନ ସକାଳୁ ଉଠି ଗଙ୍ଗାରେ ସ୍ନାନ କାର୍ଯ୍ୟ ସଂପନ୍ନ କରି ଯେତେବେଳେ ଜଳ ଅର୍ପଣ କରନ୍ତି, ସେତେବେଳେ ସିଏ ଦେଖନ୍ତି ଯେ, ନଦୀର ଅପର ପାର୍ଶ୍ୱରେ କଂସେଇଟି ଛେଳି କାଟି ମାଂସ ଓ ଚମଡାକୁ ଗଙ୍ଗା ନଦୀରେ ଧୋଉଛି ।

ଏ ସବୁ ଦେଖି ଋଷିଙ୍କର ବିରକ୍ତ ଭାବ ଜାଗ୍ରତ ହୁଏ, ମନରେ ଅଶାନ୍ତି ହେତୁ ସେ ଠିକ୍ ରୂପେ ପୂଜାପାଠ ମଧ୍ୟ କରିପାରନ୍ତି ନାହିଁ କିନ୍ତୁ କଂସେଇଟି ଦିନଯାକ ବୃତ୍ତି କରିସାରି ରାତିରେ ଯେତେବେଳେ ଥକ୍କା ହୋଇ ଘରକୁ ଯାଏ, ଶୋଇବା ପୂର୍ବରୁ ସେ ଭଗବାନଙ୍କ ଉଦ୍ଦେଶ୍ୟରେ ହାତଯୋଡି କହେ, "ହେ ପ୍ରଭୁ ! ତୁମେ ତ ମୋତେ ଏଇ ଜାତିରେ ଜନ୍ମ ଦେଇଛ । ଇଚ୍ଛା ନ ଥିଲେ ବି ପରିବାର ପୋଷିବା ପାଇଁ ମୋତେ ପ୍ରତିଦିନ ଜୀବ ହତ୍ୟା କରିବାକୁ ପଡୁଛି । ତେଣୁ ତୁମେ ମୋତେ ଏ ପାପରୁ ମୁକ୍ତି ଦିଅ ।

ଏହିପରି କିଛିଦିନ ଗଲା ପରେ ଉଭୟ କଂସେଇ ଓ ସାଧୁଙ୍କର ମୃତ୍ୟୁ ହେଲା । ସାଧୁଙ୍କୁ ନେବାପାଇଁ ଯମଦୂତମାନେ ଆସି ପହଞ୍ଚିଲେ ଓ କଂସେଇଟିକୁ ନେବା ପାଇଁ ଦେବଦୂତମାନେ ଆସି ପହଞ୍ଚିଲେ । ଏହା ଦେଖି ସାଧୁ ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ ଯମଦୂତ ସାଧୁଙ୍କୁ କହିଲେ, ତୁମେ ଜଣେ ସାଧୁ, ଭଗବାନଙ୍କୁ ପୂଜା କରିବା ତୁମର ଧର୍ମ । ତୁମେ ମନରେ ସର୍ବଦା ଭଗବତ୍ ଚିନ୍ତା କରିବା ଉଚିତ୍ । କିନ୍ତୁ ତାହା ନ କରି ତୁମେ କଂସେଇ ବିଷୟରେ ସବୁବେଳେ ଚିନ୍ତା କଲ । ଯାହାଦ୍ୱାରା କି ତୁମେ ପୂଜାପାଠ ଠିକ୍‌ଭାବେ କରିପାରିଲ ନାହିଁ ।  ତେଣୁ ତୁମର କର୍ତ୍ତବ୍ୟରେ ଅବହେଳା ହେଲା । ଫଳରେ ତମକୁ ଯମ ଲୋକକୁ ଯିବାକୁ ପଡିଲା । କିନ୍ତୁ କଂସେଇଟି ନିଜ କର୍ତ୍ତବ୍ୟ କରିବା ସଙ୍ଗେ ସଙ୍ଗେ ସମୟ ମିଳିଲେ ଭଗବାନଙ୍କୁ ମଧ୍ୟ ସ୍ମରଣ କରନ୍ତି । ନିଜ କର୍ତ୍ତବ୍ୟକୁ କଲାବେଳେ ଅନ୍ୟ  କାହାରି ବିଷୟରେ ଅମଙ୍ଗଳ ଚିନ୍ତା କରିନାହାନ୍ତି । ତେଣୁ ନିଜ କର୍ତ୍ତବ୍ୟକୁ  ସୁଚାରୁରୂପେ ତୁଲାଇ ଥିବାରୁ ଦେବଲୋକକୁ ଯିବା ପାଇଁ ସେ ଯୋଗ୍ୟ ଅଟନ୍ତି ।

ତେଣୁ କଥାରେ ଅଛି – "କର୍ମ ହିଁ ଭଗବାନ ।"





ସ୍ମୃତିରେଖା ପ୍ରଧାନ
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ,
ପେନାଗବାରୀ, ଟିକାବାଲି, କନ୍ଧମାଳ

# କନ୍ଧମାଳ ସଂସ୍କୃତି, ସଭ୍ୟତା

ଶିକ୍ଷା ଲାଭ କଲେ ଶିକ୍ଷିତ ହୁଅନ୍ତି। ବହୁତ ଅଜଣା ପଦାର୍ଥ ବିଷୟରେ ଜ୍ଞାନଲାଭ ହୁଏ। ଦେଶବିଦେଶ କଥା ଶିକ୍ଷିତ ଲୋକ ସହଜରେ ଜାଣିପାରନ୍ତି। ଶିକ୍ଷାରୁ ଜନ୍ମନିଏ ସଭ୍ୟତା ଏବଂ ସଭ୍ୟତାରୁ ସଂସ୍କୃତିର ଆତ୍ମପ୍ରକାଶ କରେ। ତେଣୁ ସଭ୍ୟତା ଓ ସଂସ୍କୃତି ପରସ୍ପର ନିର୍ଭରଶୀଳ ଓ ପରିପୂରକ।

ସାମାଜିକତା ମଣିଷର ସହଜାତ ପ୍ରବୃତ୍ତି। ସମାଜର ବ୍ୟତିରେକେ ସେ ବଞ୍ଚି ପାରିବ ନାହିଁ। ବାପା, ମା', ଭାଇ, ଭଉଣୀ, ଗୁରୁଜନ, ଆତ୍ମୀୟସ୍ୱଜନର ପରିକଳ୍ପନା ଏହି ସମାଜର ମଧୁର ସମ୍ପର୍କରୁ ଜନ୍ମନିଏ। ଏକ ସୁସ୍ଥ ପାରିବାରିକ ଏବଂ ସାମାଜିକ ଜୀବନଯାତ୍ରା ପଥରେ ସଂସ୍କାର ଓ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସଂସ୍କୃତିକୁ ବୁଝାଇବା ସମସ୍ତଙ୍କ ପାଇଁ ସହଜ ନୁହେଁ। ଏହା ସାମାଜିକ ବିଧିବ୍ୟବସ୍ଥା, ଆଚାରବିଚାର, ଚାଲିଚଳଣ, ଅନୁଷ୍ଠାନ ଆଦିରେ କେବଳ ସୀମାବଦ୍ଧ ହୋଇ ନ ଥାଏ। କାବ୍ୟ, କବିତା, ଶିଳ୍ପ, ଭାସ୍କର୍ଯ୍ୟ ଓ ସଂଗୀତ ପ୍ରଭୃତିରେ ମଧ୍ୟ ରୂପ ଲାଭ କରେ। ଭାରତର ସଂସ୍କୃତି ବହୁ ପୁରାତନ। ବେଦ ରଚନାର ପରବର୍ତ୍ତୀ କାଳରେ ଏହାର ରୂପ ପ୍ରକଟିତ ହୋଇଛି। ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ରୂପେ ପରିଚିତ। ତାଙ୍କୁ ବାଦ୍ ଦେଇ ଉତ୍କଳର ସଂସ୍କୃତିକୁ କଳ୍ପନା କରିବା ଅସମ୍ଭବ।

ସାମାଜିକ ଚଳଣିରେ ଶ୍ରୀଜଗନ୍ନାଥ ବଡଠାକୁର ଏବଂ ତାଙ୍କର କ୍ଷେତ୍ର ଶ୍ରୀକ୍ଷେତ୍ର। ଏହାର ଅନ୍ୟ ନାମ ଶଙ୍ଖକ୍ଷେତ୍ର। ତେଣୁ ଓଡିଆ ଘରର ପ୍ରତିଟି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ଶଙ୍ଖଧ୍ୱନି କରାଯିବା ଏକ ପ୍ରଚଳିତ ଧାରା। ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦକୁ ବିବାହ, ବ୍ରତ ଆଦି କାର୍ଯ୍ୟରେ ପ୍ରଥମେ ବ୍ୟବହାର କରାଯାଏ। ନୂଆ ଘରଟିଏ ଆରମ୍ଭ କଲେ ଗୃହକର୍ତ୍ତା ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରେ। ଗୃହ ପ୍ରବେଶ ଓ ପ୍ରତିଷ୍ଠା କାର୍ଯ୍ୟରେ ମହାପ୍ରସାଦ ଓ ନିର୍ମାଲ୍ୟର ଆବଶ୍ୟକତା ରହିଛି। ମୃତ୍ୟୁ ସମୟରେ ମଧ୍ୟ ବ୍ୟକ୍ତିକୁ ମହାପ୍ରସାଦ ଦେଲେ ସେ ମୋକ୍ଷ ଲାଭ କରେ ବୋଲି ଲୋକମାନଙ୍କର ପ୍ରଗାଢ ବିଶ୍ୱାସ।

ସଂସ୍କୃତି ର ପ୍ରଧାନ ଉତ୍ସ ହେଲା ଓଷା, ବ୍ରତ, ଯାନିଯାତ୍ରା ଓ ପର୍ବପର୍ବାଣି। କଥାରେ ଅଛି- ବାର ମାସରେ ତେରପର୍ବ। ଓଡିଶାରେ ପର୍ବପର୍ବାଣିଗୁଡିକ ଖୁବ୍ ନିଷ୍ଠାର ସହ ପାଳିତ ହୁଏ। ଓଡିଶା ମୁଖ୍ୟତଃ ଏକ

କୃଷିପ୍ରଧାନ ରାଜ୍ୟ। ତେଣୁ କୃଷକର ଗୃହିଣୀ ଉପବାସ ରହି ପର୍ବପର୍ବାଣି ପାଳନ କରେ। ଚାଉଳ, ଅଟାରେ, ପିଠାପଣା ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ଲଗାଏ। ପାଚିଲା କଦଳୀ, ନଡିଆ, ଉଖୁଡା, ଖଜା, କୋରା, ଛେନା, ଗୁଡ, କାକୁଡି ଆଦି ବହୁ ପ୍ରକାର ସାମଗ୍ରୀ ଭୋଗ ପାଇଁ ଦରକାର ହୁଏ। ଗୃହିଣୀ ନିଷ୍ଠାର ସହ ବ୍ରତ ପାଳନ କରି ପୁତ୍ର କନ୍ୟା ତଥା ପରିବାରର ମଙ୍ଗଳ କାମନା କରେ। ଆମ ଦେଶରେ 'ରଜ' ଏକ କୃଷିଭିତ୍ତିକ ପର୍ବ। ଏହାକୁ ଓଡିଶାର ଲୋକେ ତିନିଦିନ ପର୍ଯ୍ୟନ୍ତ ପାଳନ କରନ୍ତି। କୁମାରୀ ଝିଅମାନେ ଏହି ତିନିଦିନ ଘରେ କୌଣସି କାମ କରନ୍ତି ନାହିଁ। ଭୂମି ଉପରେ ଚାଲିବା ମନା। ସନ୍ଧ୍ୟା ପୂର୍ବରୁ ସେମାନଙ୍କୁ ଖାଦ୍ୟ ଗ୍ରହଣ କରିବାକୁ ପଡିଥାଏ। ରଜପର୍ବରେ ପୋଡପିଠା ପ୍ରସ୍ତୁତି କରିବା ଏକ ବିଧି। କୁମାରୀମାନେ ରଜଦୋଳିରେ ବସି ପୋଡପିଠା ଖାଇ ମନ ଆନନ୍ଦରେ ଗୀତ ଗାଇଥା'ନ୍ତି। ପ୍ରଥମାଷ୍ଟମୀରେ ପ୍ରତିଟି ଘରେ ବଡ ପୁଅକୁ ଅଥବା ଝିଅକୁ ପୋଢୁହାଁ କରାଯାଏ। ଏଥିପାଇଁ ମାମୁଁ ଘରୁ ଭଣଜା ବା ଭାଣିଜୀ ପାଇଁ ନୂଆ ଲୁଗା ଆସେ, ମା' ଏଣ୍ଡୁରୀ ପିଠା ପ୍ରସ୍ତୁତ କରି ବଡି ଭୋରୁ ବଡ ପୁଅଝିଅଙ୍କୁ ବନ୍ଦାପନା କରନ୍ତି। ଉତ୍କଳୀୟ ସଂସ୍କୃତିରେ ପର୍ବପର୍ବାଣୀଗୁଡିକ ବେଶ୍ ଉତ୍ସବମୁଖର ହୋଇଥାଏ।

ସଂସ୍କୃତି ଚାଲିଚଳନର ଅନ୍ୟତମ ଉତ୍ସ। ଏଥିରେ ସକାଳୁ ଉଠିବାକୁ ପରାମର୍ଶ ଦିଆଯାଏ। ପ୍ରାତଃସ୍ନାନ କଲେ ବହୁ ରୋଗରୁ ମୁକ୍ତି ମିଳେ। ଗୃହିଣୀମାନେ ସକାଳୁ ଗାଧୋଇ ସୂର୍ଯ୍ୟଙ୍କୁ ନମସ୍କାର କରନ୍ତି। ବଡପାଟିରେ କଥାବାର୍ତ୍ତା କରେ ନାହିଁ। ସ୍ୱାମୀଙ୍କୁ ଦେବତା ମନେକରେ। ନଣନ୍ଦ ଦିଅରଙ୍କୁ ଭଉଣୀ ଭାଇ ଜ୍ଞାନରେ ସ୍ନେହ ଦିଏ। ସେହିପରି ଆମ ସଂସ୍କୃତି କୁହେ, ସକାଳୁ ଉଠି ସମସ୍ତେ ମୁହଁ ଧୋଇବା ଉଚିତ୍। ଦାନ୍ତ ଘଷି, ଗାଧୋଇ ସାରି, ଖାଇବା ଦରକାର। କାହା ଦେହରେ ଗୋଡ ବାଜିଲେ ବିଷ୍ଣୁ କହିବା ସମସ୍ତଙ୍କର କର୍ତ୍ତବ୍ୟ। ସବୁ ମଣିଷ ଦେହରେ ଭଗବାନ ରହିଛନ୍ତି। ତେଣୁ ନର ହେଉଛନ୍ତି ନାରାୟଣ।

ଉତ୍କଳୀୟ ସଂସ୍କୃତିରେ କାହାପ୍ରତି ଖରାପ ବ୍ୟବହାର କରିବାକୁ ନିଷିଦ୍ଧ ହୋଇଛି। ଅଳସୁଆ ହେଲେ ଲକ୍ଷ୍ମୀ ଛାଡି ଚାଲିଯାଆନ୍ତି ବୋଲି ଏକ ବଳିଷ୍ଠ ବିଶ୍ୱାସ ରହିଛି। ଘରକୁ ବନ୍ଧୁବାନ୍ଧବ ଆସିଲେ ସେମାନଙ୍କୁ ଅତିଥି ମନେକରି ସତ୍କାର କରିବା ପ୍ରତ୍ୟେକ ଗୃହସ୍ଥର କର୍ତ୍ତବ୍ୟ।

ସଂସ୍କୃତି ଜୀବନଯାପନର ଏକ ଧାରା । ଯେଉଁ ଦେଶରେ ସଂସ୍କୃତି ଯେତେ ସମୃଦ୍ଧ, ସେ ଦେଶ ସେତେ ଉନ୍ନତ । ମଣିଷ ସଂସ୍କୃତିର ଦାସ ନୁହେଁ; କିନ୍ତୁ ସଂସ୍କୃତି ପ୍ରତି ସମ୍ମାନବୋଧ ନ ରହିଲେ ମାନବିକତାର ପରିଚୟ ହ୍ରାସ ହୁଏ । ଖାଦ୍ୟ ପାନୀୟ, ବେଶପୋଷାକ, ଗମନାଗମନରେ ମଧ୍ୟ ସଂସ୍କୃତିର ଚିହ୍ନ ବିଦ୍ୟମାନ । ଓଡିଆ ଘରର ଝିଅବୋହୂ ଯଦି ପୋଷାକ ପରିଛଦରେ ଅର୍ଦ୍ଧନଗ୍ନ ହୁଅନ୍ତି, ତେବେ ସେମାନଙ୍କୁ ସମାଲୋଚନା କରାଯାଏ । ତେଣୁ ଆମ ରାଜ୍ୟ ଓଡିଶା ଓ ଆମ ସଂସ୍କୃତି ଉତ୍କଳୀୟ ସଂସ୍କୃତି । ଏପରି ସଂସ୍କୃତି ବିଶ୍ୱରେ ବିରଳ । କନ୍ଧମାଳ ସଂସ୍କୃତି ଓ ପରମ୍ପରା ଅତି ସୁନ୍ଦର । ଏହି ପୁରାତନ ସଂସ୍କୃତିକୁ ଧରି ହସୁଛି କନ୍ଧମାଳ ।

**ଦଇତାରୀ ଦିଗଲ,** ପ୍ରଧାନ ଶିକ୍ଷକ
ତଡାପଡା ସେବାଶ୍ରମ
ଘୁ. ଉଦୟଗିରି ବ୍ଳକ, କନ୍ଧମାଳ



Dusmanta Dehury, Class-X, Govt. SSD High School, Basantpur

# ସରଗିଫୁଲ

ସରଗି ଫୁଲ ଆମେ ସରଗି ଫୁଲ,
ଆମ ସଙ୍ଗେ କିଏ ହୋଇବ ତୁଲ।
ଆମ ସଙ୍ଗେ କାହାକୁ କର ନାହିଁ ତୁଳନା,
ଆମେ କେଉଁଥିରେ ନହୁଁଟି ଊଣା।
ପାଠ ପଢିବୁ ହାକିମ ହେବୁ,
ଦେଶ ବିଦେଶରେ ନା କରିବୁ।
ଖେଳ ଖେଳିବୁ ନାଚ କରିବୁ,
ସବୁଥିରେ ଆମେ ଆଗରେ ଥିବୁ।
ଦେଶ ପାଇଁ ଆମେ ଜୀବନ ଦେବୁ,
ଏ ଦେଶର ନା' ଆମେ ରଖିବୁ।
ସୁନାର ଦେଶ ସ୍ୱାଧିନ ଭାରତ,
ତାଧେ ଶ୍ରେଷ୍ଠ ଓଡିଶା ପ୍ରଦେଶ।
ଏ ଦେଶ ଗଢିଲା ବୀର ପୁରୁଷ,
ସାରା ଜଗତେ ରଖିଲେ ଯଶ ଅଶେଷ।
ସରକାରଙ୍କର ଆମେ ଫୁଲର କଢି,
ହୀରା ଠାରୁ ପୁଣି ଆହୁରି ବଳି।
କଢ ହୋଇ ଆମେ ଫୁଟିଲୁ,
ସାରା ଜଗତକୁ ମହକାଇଲୁ।

**ଶ୍ରୀମତୀ ନକ୍ଷତ୍ରମାଳା ସାହୁ**, ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଆଶ୍ରମ ବିଦ୍ୟାଳୟ, ବୁଡିକିଆ, ବାଲିଗୁଡା, କନ୍ଧମାଳ


# ହସକଥା

ଦୀପକ- ଭାଇ ଚକୁଳି କେତେ ?
ସଞ୍ଜୟ- ୧୦ଟଙ୍କା
ଦୀପକ- ଏଇ ନିଅ।
ସଞ୍ଜୟ- (କଣା ନୋଟ ଦେଇ) ଟଙ୍କା ଧର।
ଦୀପକ- କଣା ହୋଇଯାଇଛି। ଚଳିବ ନାହିଁ।
ଦୀପକ- ତମ ଚକୁଳିରେ ତ ଏତେ କଣା ଥିଲା, ମୁଁ ଚଳେଇ ଦେଲି।

ବାପା- ଏଇ ପରୀକ୍ଷାରେ ମଧ୍ୟ ଶୁନ୍ ରଖିଛୁ।
ପୁଅ- କିଛି ଆସୁନି ବାପା
ବାପା- ତୁ ମୋର ନାଁ କୁ ମାଟିରେ ମିଶାଇ ଦେଲୁ। (ପୁଅ ବାଡିରେ କିଛି ଖୋଜିଲା ପରିକା ଜଣାପଡୁଥିଲା)
ମା- ପୁଅ କ'ଣ ଖୋଜୁଛୁ ?
ପୁଅ- ବାପା କହିଲେ ତାଙ୍କ ନା ମାଟିରେ ମିଶିଯାଇଛି, ସେଇଟା ଖୋଜୁଥିଲି।

ପୁଅ- ବୋଉ, ତୁ ଆଜି ବି କଲରା ଭଜା କରିଛୁ, ମୁଁ ଯାଉଛି ହୋଟେଲ୍‌ରେ ଖାଇବି।
ବାପା- ଏଇ ଶୁଣୁଛ, ମୋ ଚପଲଟା ଆଣିଲ।
ପୁଅ- ଥାଉ, ବାପା ମୋତେ ମାରିବା ପାଇଁ ଚପଲ ଆଣିବାକୁ କୁହନା। ମୁଁ ଏଇ ଭଜା ଖାଇବି।
ବାପା- ଆରେ ବୋକାଟା, ଚାଲ୍ ଆମେ ମିଶିକି ହୋଟେଲ୍‌ରେ ଖାଇବା।

**ବିଘ୍ନେଶ୍ୱନୀ ସିଂହ**, ଶ୍ରେଣୀ-ନବମ
ଫୁଲାମପ, ଅନୁଗୁଳ




# ଅନୁଚିନ୍ତା

ମଣିଷକୁ ସଫଳତାର ଆନନ୍ଦ ଉଠାଇବା ପାଇଁ, କଠିନ ପରିସ୍ଥିତିର ଆବଶ୍ୟକ ପଡିଥାଏ ।

ଯାହା ତୁମେ ନିଦରେ ଦେଖ ତାହା ସ୍ୱପ୍ନ ନୁହେଁ, ଯାହା ତୁମକୁ ଶୋଇବାକୁ ଦେଇ ନଥାଏ ତାହାହିଁ ପ୍ରକୃତ ସ୍ୱପ୍ନ ।

ଯଦି ତୁମେ ସୂର୍ଯ୍ୟ ପରି ଚମକିବାକୁ ଚାହଁ, ପ୍ରଥମେ ସୂର୍ଯ୍ୟ ପରି ଜଳିବା ଶିଖ ।

ଯେଉଁଦିନ ତୁମ ଦସ୍ତଖତ ଅଟୋଗ୍ରାଫ୍ ରେ ପରିଣତ ହୋଇଯିବ, ସେହିଦିନ ତୁମେ ସଫଳ ହୋଇଗଲ ବୋଲି ଧରିନେବାକୁ ହେବ ।

ଶିଖର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସାମର୍ଥ୍ୟର ଆବଶ୍ୟକତା ଥାଏ, ତାହା ମାଉଣ୍ଟ୍ ଏଭରେଷ୍ଟ ହେଉ କି ତୁମ କ୍ୟାରିୟରର ଶୀର୍ଷସ୍ଥାନ ହେଉ ।

ସମସ୍ୟାର ଅନୁପସ୍ଥିତିକୁ ସୁଖ କୁହାଯାଏ ନାହିଁ, ସମସ୍ୟା ସହିତ ମୁକାବିଲା କରିବାର କ୍ଷମତା ଥିବା ବ୍ୟକ୍ତି ସୁଖର ଅଧିକାରୀ ହୋଇଥାନ୍ତି ।

ବିଜ୍ଞାନ ମାନବ ଜଗତକୁ ଏକ ସୁନ୍ଦର ଉପହାର । ଆମେ ତାକୁ ଖରାପ କରିବା ଉଚିତ୍ ନୁହେଁ ।

ମଣିଷର ଗୋଟିଏ ଭୁଲ୍ ପାଇଁ ତାକୁ, ତା' ଜୀବନସାରା ପଶ୍ଚାତାପ କରିବାକୁ ପଡିଥାଏ ।

କିଏ ଆମକୁ କ'ଣ କହୁଛି ତାକୁ ଦେଖନାହିଁ, କେମିତି ତୁମେ ଆଗକୁ ବଢିବ ତାକୁ ଦେଖ ।

ସ୍ୱପ୍ନ ସତ ହେବା ଆଗରୁ ତୁମକୁ ସ୍ୱପ୍ନ ଦେଖିବାକୁ ପଡିବ ।

**କୁମାରୀ ରୂପାଲୀ ନାଏକ, ଶ୍ରେଣୀ- ନବମ**
ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇଡିହା, କେନ୍ଦୁଝର


# बेटी

झब जब जन्म लेती है बेटी
खुसियाँ साथ लाती है बेटी।
ईश्वर की सौगात है बेटी,
शुबह की पहली किरण है बेटी।
तारों की शीतल छाया है बेटी,
आंगन की चिडियाँ है बेटी।
थ्याग और समर्पण सिखाती है बेटी,
नये-नये रिस्ते बनाती है बेटी।
जिस धर जाए, उजाला लाती है बेटी,
बार-बार याद आती है बेटी।
बेटी की किमत उनसे पुछों
जिनके पास नहीं है बेटी।



**कांचन सोरेन,** दशवीं कक्षा
सरकारी बालिका उच्च बिद्यालय, शालबणी
मयुरभंज

## ମୋ ସ୍ୱପ୍ନର୍ ବିଦ୍ୟାଳୟ




Dinesh Munda, Class-iii, Alua Pradhan Ashram School

# ସ୍ୱର୍ଗଠାରୁ ମହାନ

ଯାହାର ଆର୍ଶିବାଦେ ସଂସାରେ ଆସିଲୁ
        ବୃଦ୍ଧକାଳେ ତାଙ୍କୁ ପର ଯେ କଲୁ ।
ଯାହାର ହାତ ଧରି ଚାଲିବା ଶିଖିଲୁ
        ବୃଦ୍ଧ କାଳେ ତାଙ୍କୁ ଆଶ୍ରମେ ଛାଡିଲୁ ।।
ମାଆ ବୋଲି ଯିଏ କହିବା ଶିଖାଇଲା
        ବାହାର ପବନ ପାଇ ତାଙ୍କୁ ଭୁଲିଗଲୁ ।
ପାଷାଣେ ଖୋଜୁ ତୁହିଁ ଯେ ସ୍ୱର୍ଗ
        ବୃଦ୍ଧା ମାତାପିତା ତୋ ପାଇଁ ଯେ ବ୍ୟର୍ଥ ।।



ନାନା ଫୁଲ ଫଳ ଦେଇ
        ପାଷାଣ କି ପୂଜୁ ।
ନାନା ବସ୍ତ୍ର, ଅନ୍ନ, ଅଳଙ୍କାର
        ମନ୍ଦିରେ ଯେ ଦେଉ ।।
ଜୀବିତ ମାତା ପିତା
        ତୋର ଯେ ପାଖରେ ।
ତାଙ୍କୁ ନ ପୂଜି ତୁହିଁ
        ଖୋଜୁ ଯେ ପାଷାଣେ ।।
ହେ ମାନବେ, ଶୁଣ ମନ ଦେଇ
        ସ୍ୱର୍ଗେ ବସିବୁ ମାତାପିତା ପୂଜି ।
ମାତାପିତା ଯେ ସ୍ୱର୍ଗ ଠୁଁ ମହାନ
        ତାଙ୍କୁ ପୂଜା କଲେ ପାଇବୁ ସମ୍ମାନ ।।

**କବିତା ସିଂ, ଦଶମ ଶ୍ରେଣୀ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଶାଳବଣୀ ସାମିଲ ନହଣ୍ଡାଖୋଳ, ମୟୁରଭଞ୍ଜ

# ନବରଙ୍ଗେ ଭରା ଆମ ନବରଙ୍ଗପୁର

ଇନ୍ଦ୍ରଧନୁର ସାତ ଗୋଟି ରଙ୍ଗ
ଏ କଥା ସଭିଏଁ ଜଣନ୍ତି
କିନ୍ତୁ ଆମ ନବରଙ୍ଗପୁର ଜିଲ୍ଲା
ନବ ରଙ୍ଗେ ଶୋଭା ପାଉଛି ॥୧॥
ସାତ ରଙ୍ଗେ ଆମେ ଆଉ ଦୁଇ ରଙ୍ଗ
ମିଶାଇ ଦେବା ହେ ସାଙ୍ଗ,
ଶାନ୍ତି ମୈତ୍ରୀର ଦୁଇ ରଙ୍ଗ ମିଶି
ହୋଇଯାଉ ନବରଙ୍ଗ ॥୨॥
କେତେ ଜାତି ଆଉ ଜନଜାତି ମିଶି
ଏଇ ଜିଲ୍ଲା ଶୋଭା ପାଉଛି
ଶିକ୍ଷା ସ୍ୱାସ୍ଥ୍ୟ ଆଉ କ୍ରୀଡା କ୍ଷେତ୍ରରେ
ଆଗକୁ ଆଗକୁ ଯାଉଛି ॥୩॥

ପାପଡାହାଣ୍ଡିର ଭରୀ ନଦୀ କୂଳେ
ସହିଦ ସ୍ତମ୍ଭ ଶୋଭା ପାଉଛି
ମୃଗ ନିବସ ଓ ମା ଭଣ୍ଡାରଘରଣୀ
ସମସ୍ତଙ୍କ ମନ ମୋହୁଛି ॥୪॥
ଏହି ଜିଲ୍ଲାର ଯେ ଯୋଗ୍ୟତମ ସୁତ
"ସଦାଶିବ" ଜନ୍ମ ନେଇଛି
ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି
ଏ ଜିଲ୍ଲାର ଟେକ ରଖିଛି ॥୫॥
ସୂର୍ଯ୍ୟ ଦେବଙ୍କର ସପ୍ତରଙ୍ଗ ପରି
ଏ ଜିଲ୍ଲାର ଯଶ ବଢୁଛି
ନବରଙ୍ଗେ ଆମ ନବରଙ୍ଗପୁର
ସମସ୍ତଙ୍କ ମନ ମୋହିଛି ॥୬॥

**ଭୋଳେଶ୍ୱର ପଣ୍ଡା, ସଂସ୍କୃତ ଶିକ୍ଷକ**
ଅନୁସୁଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ, କୋଭିଲା, ନବରଙ୍ଗପୁର

# ଗଛଟିଏ



ମର ମୃତ୍ତିକାରେ
ଜୀବନର ମଂଜି ପଡିଥାଏ
ସାଧନାର କୋଡା ଖୋସା କଲେ
ସାର୍ଥକର ଗଛଟିଏ ହୁଏ ॥
ସୁଯୋଗର ଖଂବ ପୋତି
ସତର୍କତାର ବାଡଟିଏ କଲେ

ପ୍ରତିହିଂସା ଝଡ ଓ ବତାସ
ପଟିସହି ଖତସାର ହୁଏ ॥
ଶେଷରେ ସୁଯୋଗର
କଡି ହୁଏ...
ଆକାଂକ୍ଷାର ଫୁଲ ଫୁଟେ
ସୁଗୁଣର ବାସନା ଚହଟେ ॥

**ଭୟରାମ ନାଏକ, ପିଜିଟି ଓଡିଆ**
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେଲଗାଁ, ନବରଙ୍ଗପୁର

# ମୂଲ୍ୟବୋଧ ଭିତ୍ତିକ ଶିକ୍ଷାବ୍ୟବସ୍ଥା

ଶିକ୍ଷା ଏକ ଦିବ୍ୟ ସ୍ପର୍ଶ ଓ ମୁହୂର୍ତ୍ତର ପରିପ୍ରକାଶ ଶୀଳ ଉପଲବ୍ଧୀ । ଶିକ୍ଷା ମାନବକୁ ଦିବ୍ୟତ୍ୱ ଆଡକୁ ପ୍ରଭାବିତ କରି ନିଏ । ସଭ୍ୟତାର ପ୍ରାରମ୍ଭରୁ ଶିକ୍ଷା ହିଁ ମାନବିକ ଆଭ ଧାରକ, ବାହକ ତଥା କାରଣ ସାଜି ବସିଛି । ମାନବଜାତିର ଇତିହାସ ହିଁ ଶିକ୍ଷାର ଇତିହାସ । ମାନବ ଜୀବନକୁ ସରସ ଓ ସମୁଜ୍ଜଳ କରି ଗଢି ତୋଳିବାରେ ଶିକ୍ଷାର ଭୂମିକା ଅତୁଳନୀୟ ।

ମହାକାଶୀୟ ଆହ୍ୱାନ ସହ ସମତାଳରେ ଶିକ୍ଷାର ପରିବ୍ୟାପ୍ତ ପରିସର ଭିତରେ ମାନବଆତ୍ମା ଇଶ୍ୱରାଭିମୁଖୀ ହୋଇ ଚାଲିଛି ।  ଶିକ୍ଷା ଲାଭ ସକାଶେ ସମଗ୍ର ବିଶ୍ୱର ସଭ୍ୟ ମାନବ ଅନ୍ତଃସ୍ଥଳରେ ସ୍ୱତଃ ଆଗ୍ରହ ଓ ଆନ୍ତରିକତାର ଉନ୍ନତି ଘଟିଛି ।

ପ୍ରାଚୀନ ଗୁରୁକୁଳ ପ୍ରଥାଠାରୁ ଅତ୍ୟାଧୁନିକ କାରିଗରି ଜ୍ଞାନ କୌଶଳ ସମ୍ପନ୍ନ ଶିକ୍ଷା ବ୍ୟବସ୍ଥା, ପୁନଶ୍ଚ ଅନୁଭୁତି ସିଦ୍ଧି ଏକକ ମୂଲ୍ୟାଙ୍କଠାରୁ ଆଧୁନିକ ନିରନ୍ତର ଓ ପୂର୍ଣ୍ଣାଙ୍ଗ ମୂଲ୍ୟାଙ୍କନ ପଦ୍ଧତି ଯାଏଁ- ଶିକ୍ଷାର ଏହି ପ୍ରଲମ୍ବିତ ଯାତ୍ରା ପଥରେ ଅନେକ ଉଦାହରଣ ରହିଛି । ସମୟର ଆହ୍ୱାନକୁ ସ୍ୱୀକାର କରି ନୂତନ ପାଠ୍ୟ ଖସଡା ସଂଯୋଜିତ ହୋଇ ଚାଲିଛି । ମାତ୍ର ଅନୁମାନ କଲେ ଜଣାଯାଏ ଯେ ଶିକ୍ଷାର ମୌଳିକ ଆଦର୍ଶ ଅଦ୍ୟପି ଆଦର୍ଶସ୍ଥାନୀୟ ବିବେଚିତ ହେଉଛି ।

ସମୟର ତାଳ ସହ ଶିକ୍ଷାର ବିବର୍ତ୍ତନ ନ ଘଟି ଚାଲିଥିଲେ ହେଁ ମୌଳିକ ଉଦ୍ଦେଶ୍ୟ ତଥାପି ଅନାଦୃତ, ଅନାଘାତ ହୋଇ ପଡିଛି । ବୈଦିକ ଯୁଗର ଆଧାତ୍ମିକ ପର୍ଯ୍ୟାପ୍ତ ଠାରୁ ଆସି ଅତ୍ୟାଧୁନିକ ଯୁଗର ସାରିଥିଲେ ବି ତା'ର ଗାରିମା ହରାଇ ପାରିନାହିଁ । ସଂଯୁକ୍ତ ଜ୍ଞାନ ଗନ୍ତାଘରରୁ  ଆସି ଶିକ୍ଷା ପହଞ୍ଚି ଯାଇଛି ଜ୍ଞାନବିଜ୍ଞାନର ବିସ୍ଫୋରଣମୂଳକ ବ୍ରିଟିଶ ଶାସନାଧିନ ଭାରତବର୍ଷ କେବଳ ବୃହତ୍ତର ଶିକ୍ଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ସ୍ୱାଧିନତା ପରବର୍ତ୍ତୀ ଭାରତବର୍ଷରେ ଶିକ୍ଷା ପ୍ରତି ଆନ୍ତରିକ ଆଗ୍ରହ ପ୍ରକାଶ କରି ଆସିଛନ୍ତି ବୃହତ୍ତର ଜନସାଧାରଣ ।

ଅନୁସଂସ୍ଥାନ ସହ ବ୍ୟକ୍ତିତ୍ୱ ବିକାଶର ସର୍ବୋତ୍କୃଷ୍ଟ ମାଧ୍ୟମ ରୂପେ ଶିକ୍ଷାପ୍ରତି ଜନସାଧାରଣଙ୍କ ଦୃଷ୍ଟିକୋଣ ମଧ୍ୟ ବଦଳି ଚାଲିଛି । ବୃତ୍ତିର ଅଟ୍ଟାଳିକାରୁ ମୁକୁଳିଆସି ଏହା ବ୍ରତର ସୂର୍ଯ୍ୟୋଦୟର ସାନ୍ନିଧ୍ୟ ଖୋଜିଛି । ଶିକ୍ଷା ଜନଗଣମାନଙ୍କ ହୃଦକନ୍ଦରରେ ଆସ୍ଥାନ ଜମାଇ ଦେଇଛି ।


ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତିଙ୍କ ଭଳି ଯୋଗ ଜନ୍ମା ମର୍ମେ ମର୍ମେ ଅନୁଭବ କରିଛନ୍ତି ଶିକ୍ଷା ଓ ବେଦର ମହତ୍ତ୍ୱ । ଆର୍ଯ୍ୟ ସମାଜ ପ୍ରତିଷ୍ଠା କରି ଶିକ୍ଷାକୁ ଅୟୁଧରୂପେ ବ୍ୟବହାର କରି ସେ ଅଖଣ୍ଡ ଭାରତବର୍ଷର ସ୍ୱପ୍ନ ଦେଖିଛନ୍ତି । ଆରମ୍ଭ ହୋଇଛି ଦୟାନନ୍ଦ ଆଙ୍ଗଲୋ ବୈଦିକ ଆନ୍ଦୋଳନ । ବେଦର ମହିମାକୁ ପ୍ରାଧାନ୍ୟ ଦେଇଥିଲେ ମଧ୍ୟ ପ୍ରଚଳିତ ସମୟରେ ଦୁର୍ବାର ଆହ୍ୱାନ ବିଜ୍ଞାନକୁ ସେ କେବେ ବି ଅବହେଳା କରି ନାହାନ୍ତି । ଶାରୀରିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ବିକାଶକୁ ସମାନ ଭାବରେ ଗୁରୁତ୍ୱ ଦିଆଯାଇଛି ।

ବିଂଶ ଶତାବ୍ଦୀ ଶେଷ ଭାଗକୁ ଏହି ଆନ୍ଦୋଳନ ମହାସାଗରର ରୂପ ନେଇ ସାରିଛି । ଏହାର ପ୍ରାସଙ୍ଗୀକତା ଓ ମହାତ୍ମ୍ୟ ଭାରତୀୟ ଜନସାଧାରଣ ଉପଲବ୍ଧି କରି ସ୍ୱତଃ ଏହା ପ୍ରତି ଆକର୍ଷିତ ହୋଇଛନ୍ତି । ଶିକ୍ଷାର୍ଥିକୁ କେବଳ ସୂକ୍ଷ୍ମ ତଥା ଆହରଣ ଓ ପରୀକ୍ଷାରେ ଦମନ ପୂର୍ବକ କୃତିତ୍ୱ ପ୍ରଦର୍ଶନ କରିବାକୁ ଆଦୌ ପ୍ରଶୟ ଦିଏ ନାହିଁ ।

ଶ୍ରାବଣ ଆକାଶର ଭାସମାନ ମେଘ ସମୂହ ଭୂପୃଷ୍ଠରେ ଜ୍ଞାନାଲୋକର ଅଖଣ୍ଡ ବାରିପାତରେ ଅଶେଷ କଲ୍ୟାଣରେ ନିୟୋଜିତ ହେଲେ ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ ଆସି ପାରିଛି ।

**ହିତେଶ ବାରିକ**, ଶ୍ରେଣୀ – ୮ମ
ସୁନାବେଡା ଆଶ୍ରମ ବିଦ୍ୟାଳୟ

## ଦଳର ବଳ




Nibedita Pradhan, Class-Vii, Govt. High School, Guma

# ପରିବେଶ

ପରିବେଶ କହିଲେ କେବଳ ଗଛଲତା, ବିଲୁପ୍ତ ପ୍ରଗତିର ପଶୁପକ୍ଷୀ କିମ୍ବା ସେମାନଙ୍କର ବାସସ୍ଥଳୀକୁ ବୁଝାଯାଏନା, କିନ୍ତୁ ଆମେ ବାସ କରୁଥିବା ପାରିପାର୍ଶ୍ୱିକ ପ୍ରକୃତି କୁ ବୁଝାଏ । ଆଜିର ପରିବେଶ ଯେ ଅସୁରକ୍ଷିତ ବ୍ୟାବସ୍ଥାକୁ ଆସିଛି, ସେଥିପାଇଁ କେବଳ ମଣିଷ ଓ ସଭ୍ୟତା ଦାୟୀ । ମଣିଷ କିନ୍ତୁ ଆଜି ତା ସ୍ଥାନରେ ନାହିଁ କି ସୁସ୍ଥ ବି ନାହିଁ । ତଥାକଥିତ ସଭ୍ୟତାର ଦୃଷ୍ଟିଭଙ୍ଗୀରେ ସେ କ୍ରମେ ତା'ର ଜନ୍ମସ୍ଥାନକୁ ଭୁଲିଯାଉଛି । ମା' ବାପାଙ୍କୁ ପାଶୋରି ଯାଇଛି, କୃତଜ୍ଞତାର ପରିବେଶକୁ ରକ୍ଷା କରିପାରୁ ନାହିଁ । ତେଣୁ ପ୍ରକୃତିକୁ ବିକୃତ କରି ହେଉ ବା ପ୍ରକୃତିର ବିକୃତିରୁ ନିଷ୍କୃତି ପାଇବା ଚେଷ୍ଟାରେ ହେଉ ମଣିଷ ଆଜି କୃତ୍ରିମ । ବର୍ତ୍ତମାନ ବିଭିନ୍ନ କାରଣରୁ ବୃକ୍ଷ କଟାଯାଉଛି । ଫଳରେ ପରିବେଶର ଅବକ୍ଷୟ ଘଟୁଛି । ଏହି ପରିପ୍ରେକ୍ଷୀରେ ବର, ଅଶ୍ୱତ୍ଥ, ନିମ୍ବ ଓ ବେଲ ଭଳି ପାରମ୍ପାରିକ ବୃକ୍ଷରୋପଣ କରିବା ଫଳରେ ଏକ ଉତ୍ତମ ପରିବେଶ ସୃଷ୍ଟି ହୋଇ ପାରିବ । ପରିବେଶର ସୁରକ୍ଷା ପ୍ରତି ଯତ୍ନବାନ ହେଲେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇପାରିବ । ବାଡି ବଗିଚା ସୃଷ୍ଟି କରିବା ଏବଂ ତା'ର ରକ୍ଷଣାବେକ୍ଷଣ କରିବା ଦିଗରେ ଆମେମାନେ ହିଁ ଯତ୍ନ ନେଇପାରିବ । ଦେଶରେ ଦିନକୁ ଦିନ ପରିବେଶ ପ୍ରଦୂଷଣର ମାତ୍ରା ଅସମ୍ଭବ ଭାବେ ବୃଦ୍ଧି ପାଉଥିବା ଚିନ୍ତାଜନକ ବିଷୟ ହୋଇପଡିଛି । ଏଥିପାଇଁ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହେଉଛି । ଶାରୀରିକ ଓ ମାନସିକ ଭାବେ ବିଭିନ୍ନ ପ୍ରକାରର ରୋଗ ଦେଖାଦେଉଚି । ଏହି ପରିପେକ୍ଷିରେ ପରିବେଶ ସୁରକ୍ଷା ନ କଲେ ମଣିଷ ସମାଜର ବିଲୋପ ସୁନିଶ୍ଚିତ ବୋଲି ଅନେକ ଆଲୋଚନା ଚକ୍ର ଓ କର୍ମଶାଳାରେ ମତ ପ୍ରକାଶ ପାଇଛି । ଖଣି ଖନନରେ ଯେତେ ପରିମାଣରେ ଜଙ୍ଗଲ କ୍ଷୟ ଘଟୁଛି ସେହି ପରିମାଣରେ ବୃକ୍ଷ ରୋପଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି  କରାଯାଉ ନ ଥିବାରୁ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି ।

ଆମ ପରିବେଶ ପ୍ରଦୂଷିତ ହେବାର ଅନେକ ମୌଳିକ କାରଣ ରହିଛି । ବୈଜ୍ଞାନିକମାନଙ୍କ ମତରେ କଳକାରଖାନାର ଚିମିନି ଧୂଆଁ ଓ ନିଷ୍କାସିତ ଜଳ ପରିବେଶ ପ୍ରଦୂଷଣରେ ସେତିକି ପରିମାଣରେ ଦାୟୀ । ଜନସଂଖ୍ୟା ବୃଦ୍ଧି, ଜନ ଚେତନାର ହ୍ରାସ ପରିବେଶକୁ ଅସୁସ୍ଥ କରି ଦେଉଛି । ସମସ୍ୟା ଜାଲରେ ଛନ୍ଦି ହୋଇ ଧଇଁ ସଇଁ ହୋଇ ଧାଇଁ ଚାଲୁଥିବା ବ୍ୟକ୍ତି ବିଶେଷ, ପ୍ରଦୂଷଣର ଅନ୍ଧକାରରେ ଅନ୍ଧ ହୋଇପଡୁଛି । ଆମ ଲୋକେ ବୁଝିଲେଣି, ଜାଣିଲେଣି ପରିବେଶକୁ ରକ୍ଷାକରିବା କେତେ ଆବଶ୍ୟକ ।

**ଜୟଶ୍ରୀ ଗଣ୍ଡ**, ଶ୍ରେଣୀ- ଏକାଦଶ
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇଘର, ନବରଙ୍ଗପୁର

# ସୁ ବିଚାର

ଗୋଟିଏ ଛୋଟ ଜଙ୍ଗଲରେ ବାଘ, ସିଂହ, ଭାଲୁ, କୁକୁର ଏମିତି ଅନେକ ପଶୁପକ୍ଷୀ ରହୁଥାନ୍ତି । ସେମାନଙ୍କର ରାଜା ଥିଲା ସିଂହ । ଦିନକର କଥା ବାଘ, ଭାଲୁ, ବିଲୁଆ ଶିକାର କରିବା ପାଇଁ ଜଙ୍ଗଲ ମଧ୍ୟରେ ଘୁରୁଥିବା ସମୟରେ ଗୋଟିଏ ଓଟକୁ ଦେଖିଲେ ଓ ମାରି ଖାଇବା ପାଇଁ ଗୋଡାଇଲେ । ଜୀବନ ବଞ୍ଚାଇବା ପାଇଁ ଓଟ ଦଉଡିଲା । ହେଲେ ବାଘ, ବିଲୁଆ ଧରି ପକାଇଲେ । ଓଟ ସେମାନଙ୍କୁ ନିଜର ଦୁଃଖ କହିଲା । ହେ ବାଘମାମୁଁ, ମୋତେ ଛାଡିଦିଅ । ମୁଁ ମୋର ସାଙ୍ଗ ଭାଇକୁ ଖୋଜି ପାଉନି । ଯଦି ମୋତେ ମୋର ସାଙ୍ଗ ଭାଇ ପାଖରେ ପହଞ୍ଚାଇ ଦବ ତମର ମଙ୍ଗଳ ହେବ । ବାଘ, ବିଲୁଆ କଥାବାର୍ତ୍ତା ହେଲେ ଆମେ କ'ଣ ଓଟକୁ ମାରି ଖାଇବା ନା ଓଟକୁ ରାଜାଙ୍କ ପାଖକୁ ନେଇଯିବା । ସିଂହ ରାଜା ଯାହା କହିବେ ତାହା କରିବା । ଓଟକୁ ନେଇ ବାଘ ବିଲୁଆ ଜଙ୍ଗଲ ଭିତରକୁ ଚାଲିଗଲେ । ରାଜା ସିଂହଙ୍କ ପାଖରେ ପହଞ୍ଚିଗଲେ । ସିଂହ କହିଲା ଓଟ ଆମର ବନ୍ଧୁ ତାକୁ ଆମେ ଆଶ୍ରୟ ଦେବା । ସେ ତାଙ୍କ ସାଙ୍ଗସାଥୀ



ପାଇଗଲେ ଏଠାରୁ ଚାଲିଯିବେ । ଜଙ୍ଗଲରେ ଓଟ ରହିବାକୁ ଲାଗିଲା । କିଛି ବର୍ଷ ପରେ ଥରେ ମରୁଡି ପଡିଲା । ବାଘ, ସିଂହ, ଭାଲୁ ମାନଙ୍କୁ ଶିକାର ମିଳିଲା ନାହିଁ ସେମାନେ କ'ଣ କରିବେ ? ସିଂହରାଜା ପାଖରେ ପହଞ୍ଚିଲେ ଓ ଗୁହାରି କଲେ । କହିଲେ ଏବେ ଖାଦ୍ୟ ପାଇଁ କଣ ମରିବା ନା ଓଟକୁ ମାରି ଖାଇବା । ସିଂହ ରାଜା କହିଲେ 'ନା, କାହାକୁ ଆଶ୍ରୟ ଦେଇ ତାକୁ ମାରି ଖାଇବା ଠିକ୍ ନୁହେଁ । ମୁଁ ପଛେ ମରିଯିବି ଏ ଅଧର୍ମ କରିପାରିବି ନାହିଁ ।' ଠିକ୍ ଅଛି, ଆମେ ଗୋଟିଏ କାମ କରିବା । କୁଆ କହିଲା ତା' ହେଲେ କଣ କରିବା ? ବିଲୁଆ ଉପାୟ ପାଞ୍ଚି କହିଲା ଆମେ ପରସ୍ପର କହିବା, ମୋତେ ମାରିଖାଅ । ଓଟ ଯେତେବେଳେ ମୋତେ ମାରି ଖାଅ କହିବ ଆମେ ତାକୁ ମାରି ଖାଇବା । ସେତେବେଳେ ଅଧର୍ମ

ହେବନାହିଁ । ନିଜ ଇଚ୍ଛାରେ ମରିଲେ ଆମର ଦୋଷ ନାହିଁ । ସିଂହରାଜା ତାଙ୍କ କଥାରେ ଏକମତ ନଥିଲେ । କିଛି ସମୟ ପରେ ଓଟ, ରାଜାଙ୍କପାଖରେ ପହଞ୍ଚିଲା । କହିଲା ଆପଣମାନେ କଣ ଚିନ୍ତା କରୁଛନ୍ତି ? କୁଆ କହିଲା ମୋତେ ମାରି ଖାଅ, ବିଲୁଆ କହିଲା ମୋତେ ମାରି ଖାଅ ବାଘ ମଧ୍ୟ ସେହିପରି କହିଲା ଓଟ ମଧ୍ୟ ସେହିପରି କହିଲା ମୋତେ ତୁମେମାନେ ମାରିଖାଅ । ସିଂହ ରାଜା କହିଲା ତୁମେ ଆମର ଅତିଥି ମୁଁ ତୁମକୁ ମାରି ଖାଇପାରିବି ନାହିଁ । ମୋତେ ପାପ ଲାଗିବ । ବିଶ୍ୱାସଘାତ ହେବ । ମୁଁ ଏହି ପ୍ରସ୍ତାବରେ ରାଜି ନୁହେଁ । ରାଜା କହିଲେ ମୁଁ ଗୋଟିଏ ଚିନ୍ତା କରିଛି । ଯଦି ମୋ କଥା ମାନିବ ତା ହେଲେ ସମସ୍ତେ ବଞ୍ଚିଯିବା । ଆମେ ଅନ୍ୟ ଗୋଟିଏ ଜଙ୍ଗଲକୁ ଚାଲିଯିବା ସେଠାରେ ଆମେ ସମସ୍ତେ ଖାଦ୍ୟ ଖାଇପାରିବା । ରାଜା କଥାରେ ସମସ୍ତେ ରାଜି ହେଲେ ଏବଂ ଓଟ କହିଲା ତୁମେ ମୋ ପିଠିରେ ବସ । ମୁଁ ତୁମମାନଙ୍କୁ ଅନ୍ୟ ଜଙ୍ଗଲ ପର୍ଯ୍ୟନ୍ତ ନେଇଯିବି । ସେମାନେ ସମସ୍ତେ ଓଟ ପିଠିରେ ଅନ୍ୟ ଏକ ଜଙ୍ଗଲକୁ ଗଲେ ଏବଂ ସେଠାରେ ନିର୍ଭୟରେ ରହିବାକୁ ଲାଗିଲେ । ତେଣୁ କାହାକୁ ଆଶ୍ରୟ ଦେଇ ତା' ପ୍ରତି ବିଶ୍ୱାସଘାତକତା କରିବା ମହାପାପ ।

**ବିଜୁଳି ମାଝୀ**, ଶ୍ରେଣୀ- ୮ମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡାବୁଗାଁ, ନବରଙ୍ଗପୁର

## ଆମେ ପାଠ ପଢିବା ଦୁନିଆ ଗଢିବା



Bibekananda Patra, Class-X, Govt. High School, Nomarpur, Keonjhar

# ଏକତା ଏକ ଶକ୍ତିଶାଳୀ ଅସ୍ତ୍ର

ଗୋଟିଏ ଜଙ୍ଗଲରେ ବିଭିନ୍ନ ପ୍ରକାରର ଗଛଲତା ଭରି ରହିଥିଲା । ଜଙ୍ଗଲରେ ଠିକ୍ ମଧ୍ୟ ଭାଗରେ ଝରଣାଟି ବହି ଯାଉଥିଲା । ସମସ୍ତ ପ୍ରକାରର ପଶୁପକ୍ଷୀ ବାସ କରୁଥିଲେ । ସେହି ଜଳସ୍ରୋତଟି ସେମାନଙ୍କର ସମସ୍ତ ପାଇଁ ଜୀବନରେ ଉତ୍ସ ଥିଲା । ଦିନେ ଗୋଟିଏ ମେଣ୍ଢାଛୁଆ ପାଣି ପିଇବାକୁ ଝରଣା ନିକଟକୁ ଆସିଥିଲା । ଗୋଟିଏ ଗଧିଆ ବଡ ପାଟିରେ ଚିତ୍କାର କରି କହିଲା, ପାଣି ପିଅନାହିଁ । ଭୟରେ ମେଣ୍ଢାଛୁଆ ଉପରକୁ ଦେଖିଲା ଗୋଟିଏ ଗଧିଆ ଠିଆ ହୋଇଛି ।

ମେଣ୍ଢା ଛୁଆଟି ତାକୁ ପଚାରିଲା, କାହିଁକି ମୁଁ ପାଣି ପିଇ ପାରିବି ନାହିଁ ? ଗଧିଆଟି ରାଗରେ ମେଣ୍ଢା ଛୁଆକୁ ଚାହିଁକହିଲା, "ଏହି ଜଙ୍ଗଲକୁ ମୁଁ କିଣି ଅଛି । ଏଠାରେ ମୋର ଏହା ଉପରେ ସବୁ ଅଧିକାର ଅଛି । ଏଠାରେ ମୁଁ ଗୋଟିଏ କାରଖାନା ନିର୍ମାଣ କରୁଅଛି । ସେଥିପାଇଁ ମୁଁ ଜଳକୁ ଗଠିତ କରୁଅଛି ଓ ଏହି ଗଛ ଗୁଡିକୁ କାଟିବାକୁ ଚାହୁଁଅଛି । କ'ଣ ହେଲା ? ଗୋଟିଏ କାରଖାନା ନିର୍ମାଣ ? ଗଛ କାଟିବ ? ତେବେ ଆମ ଜୀବନ ପ୍ରତି କ'ଣ ଘଟିବ ? ସେ ଯାହା ହେଉ, ଏହା କେବଳ ମୋର ସମସ୍ୟା ନୁହେଁ, ସମସ୍ତ ପ୍ରାଣୀ ସମାଜର ସମସ୍ୟା ଅଟେ । ଏହି ପ୍ରଶ୍ନଗୁଡିକ ମନରେ ରଖି ଭୟଭୀତ ମେଣ୍ଢା ଛୁଆ ତା'ର ମେଣ୍ଢା ପଲ ପାଖରେ ପହଞ୍ଚିଲା ଏବଂ ସେମାନଙ୍କୁ ଏକ ବିଷୟ ଜଣାଇଲା । ମେଣ୍ଢା ଗୁଡିକ ଏକାଠି ହୋଇ ଅନ୍ୟ ସମସ୍ତ ପଶୁ ଗୁଡିକୁ ଏକାଠି କରି ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ କଲେ । ସବୁ ପଶୁ ଏକାଠି ହୋଇ ଏହି ସମସ୍ୟା ଉପରେ ଆଲୋଚନା କଲେ । ଯଦି ଗଧିଆ ଗୋଟିଏ କାରଖାନା ପାଇଁ ନିର୍ଣ୍ଣୟ କରି ଗଛ ଗୁଡିକୁ କାଟିଦେବ ତେବେ ଆମେ ଖାଦ୍ୟ ଜଳ ଓ ଆଶ୍ରୟ କେଉଁଠାରୁ ପାଇବା ? ଆମେ ଏକାଠି ହେବା ଓ ସମସ୍ୟାର ସମାଧାନ କରିବା । ଅଧିକାଂଶ ପଶୁ ଏଥିରେ ରାଜିହେଲେ, ମାତ୍ର ଅଳ୍ପ କେତେକ ଭୟ ଯୋଗୁଁ ଗଧିଆକୁ ସମର୍ଥନ କଲେ । ଯେଉଁ ପଶୁମାନେ ରାଜି ହେଲେ ସେମାନେ ଗଧିଆ ବିରୁଦ୍ଧ କରିବାକୁ ଗୋଟିଏ କୌଶଳ ପ୍ରସ୍ତୁତ କଲେ । ସେମାନେ ନିଜ ନିଜ ଭିତରେ କାମ ବାଣ୍ଟି ଦେବେ । ଖାଦ୍ୟ ଦ୍ରବ୍ୟ ଏକାଠି ଓ ସ୍ଲୋଗାନ ପ୍ରସ୍ତୁତ କଲେ । ସେମାନେ ତିନିଦିନ ଧରି କାର୍ଯ୍ୟ କରିବା ବନ୍ଦ କରିଦେଲେ । ବିଦ୍ରୋହ ଦିନରେ ପଶୁଗୁଡିକ ଗଧିଆକୁ ତଡି ଦେଲେ । ବଡ ପାଟିରେ ସ୍ଲୋଗାନ୍ ଦେଲେ "ଗଧିଆ ମୁର୍ଦ୍ଦାବାଦ । ଗାଁ ଗାଁ ରେ ସ୍ଲୋଗାନ୍ ଦେଲେ ।

ଅଞ୍ଜଳୀ ମୁଠା ମାଝୀ, ଶ୍ରେଣୀ - ଅଷ୍ଟମ
ଆଶ୍ରମ ବିଦ୍ୟାଳୟ, କଳିଙ୍ଗା, କନ୍ଧମାଳ

# ଶାନ୍ତି ମିଳିଲା ନାହିଁ

ସନ୍ଥ ଫରିଦ୍ ଓ ତାଙ୍କର ଜଣେ ଶିଷ୍ୟ ଦୂର ସ୍ଥାନକୁ ଯାଉଥିଲେ । ସେମାନେ ଥିଲେ ଫକିର । ଦିନ ସାରା ସେମାନଙ୍କୁ ଖାଦ୍ୟ ମିଳି ନଥିଲା । ରାସ୍ତାଟି ଥିଲା ଜନମାନବ ଶୂନ୍ୟ । ସନ୍ଧ୍ୟା ହୋଇଗଲା । ସେତେବେଳେ ସେମାନେ ଏକ କୁଡିଆ ଦେଖିଲେ । ଫରିଦଙ୍କ ଶିଷ୍ୟଙ୍କ ମନରେ ଆଶା ଜାଗିଲା ଯେ କିଛି ଖାଇବାକୁ ମିଳିପାରେ ।

ସେମାନେ ଯାଇ ସେଇ କୁଡିଆରେ ପହଞ୍ଚି ଖାଦ୍ୟ ମାଗିଲେ । ଗୃହ କର୍ତ୍ତା ଥିଲେ ଦରିଦ୍ର । ସେଦିନ କେବଳ ତାଙ୍କ ଭୋଜନ ଲାଗି ପାଖରେ କିଛି ଖାଦ୍ୟ ଥିଲା । ଫକିର ଦୁହିଁକୁ ଦେଖି ସେ ପ୍ରମାଦ ଗଣିଲେ । ସେ ଭାବିଲେ ଯେ ଏମାନଙ୍କୁ ଖାଦ୍ୟ ଦେଇଦେଲେ ମୁଁ ଖାଇବି କ'ଣ ?

ତେଣୁ ସେ ଅତ୍ୟନ୍ତ ନମ୍ରତାର ସହିତ କହିଲେ- ମୋ ପାଖରେ ନିଜ ଲାଗି ଖାଦ୍ୟ ନାହିଁ, ଆପଣଙ୍କୁ ଦେବି କେମିତି ?

ଫରିଦ୍ ଓ ତା'ଙ୍କ ଶିଷ୍ୟ ସେଠାରୁ ବିଦାୟ ନେଲେ । ସେମାନେ ଯିବା ପରେ ସେହି ବ୍ୟକ୍ତି ନିଜ ପାଖରେ ଥିବା ଖାଦ୍ୟ ଖାଇ ଶୋଇବାକୁ ଗଲେ । କିନ୍ତୁ ତାଙ୍କ ଆଖି ଆଗରେ ସେହି ଦୁଇ କ୍ଷୁଧାର୍ତ୍ତ ଫକିରଙ୍କ ଚେହେରା ନାଚି ଉଠିଲା । ତାଙ୍କର ନିଦ ହେଲା ନାହିଁ । ମନକୁ ବୁଝାଇବାକୁ ଚେଷ୍ଟା କଲେ ବି ମନ ବୁଝିଲା ନାହିଁ । ସେହି ରାତିରେ ସେହି ଦୁଇ ଫକିରଙ୍କୁ ଖୋଜି ବାହାରିଲେ ।

ଅନେକ ଖୋଜିବା ପରେ ସେମାନେ ଏକ ଗଛ ତଳେ ଶୋଇଥିବା ଦେଖିବାକୁ ପାଇଲେ । ସେ ଫରିଦଙ୍କ ପାଖକୁ ଯାଇ କ୍ଷମା ମାଗି କହିଲେ- ମହାତ୍ମା ! ମୁଁ, ଭାବିଥିଲି ଆପଣଙ୍କୁ ଖାଦ୍ୟ ନଦେଇ ନିଜେ ଖାଇ ନିଜ କ୍ଷୁଧା ମେଣ୍ଟାଇବି । ନିଜେ ତୃପ୍ତ ହେବି । କିନ୍ତୁ ହେଲା ନାହିଁ । ମୋର କ୍ଷୁଧା ସିନା ଭରିଗଲା ମନଟି ଏକ ପ୍ରକାର ବିଚିତ୍ର ଅଭାବରେ ଜର୍ଜରିତ ହେଲା । ଭାବୁଛି ଆପଣଙ୍କୁ ଖାଇବାକୁ ଦେଇଥିଲେ ଶାନ୍ତିରେ ଶୋଇ ପାରିଥାଆନ୍ତି । ଏବେ ମୋ ସହ ଚାଲନ୍ତୁ । ଯେମିତି ବି ହେଉ ଆପଣଙ୍କ ଲାଗି କିଛି ବ୍ୟବସ୍ଥା କରିବି । ନ ହେଲେ ଶାନ୍ତି ମିଳିବ ନାହିଁ ।

**ଶ୍ରୀ ଶଶିକାନ୍ତ ଟୁଡୁ,** ଶ୍ରେଣୀ - ନବମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡେରଙ୍ଗ, ଅନୁଗୋଳ

# ବିଜ୍ଞାନର ଜୟଯାତ୍ରା

ସମୟର ଗତିରେ ଆଜିର ଯୁଗ ବିଜ୍ଞାନର ଯୁଗ ନାମରେ ନାମିତ ହୋଇଛି । ବିଜ୍ଞାନର ଜୟ ଯାତ୍ରା ଆଜି ଏଭଳି ଏକ ପର୍ଯ୍ୟାୟରେ ପହଞ୍ଚିଛି ଯେ, ଆମର ସଭ୍ୟତା ଦିନେ ପ୍ରସ୍ତର ଯୁଗରେ ଥିଲା ବୋଲି ଆମେ ଭୁଲିଗଲୁଣି । ସଭ୍ୟତାର ପ୍ରତିଟି କ୍ଷେତ୍ରରେ ବିଜ୍ଞାନର ଜୟଯାତ୍ରା ପ୍ରତିଧ୍ୱନିତ ହେଉଛି । ଏପରି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ବିଜ୍ଞାନର ସ୍ଥିତିକୁ ଅସ୍ୱୀକାର କରାଯାଇପାରିବ । ତେଣୁ ବିଜ୍ଞାନର ଜୟଗାନ ଆମର ଅଙ୍ଗ ପ୍ରତ୍ୟଙ୍ଗରେ ଶିହରଣ ଖେଳାଇ ଦେଇଛି ।

ଆଧୁନିକ ମଣିଷ ବିଜ୍ଞାନର କାଉଁରୀ ସ୍ପର୍ଶରେ ଅଭିନବ ରୂପ ଗ୍ରହଣ କରିଛି । ମନୁଷ୍ୟର ଖାଦ୍ୟ, ପାନୀୟ, ଆସବାବପତ୍ର, ଗୃହ ସରଞ୍ଜାମ, ଆଦି ପ୍ରତ୍ୟେକ କ୍ଷେତ୍ରରେ ବିଜ୍ଞାନର ଆଶିର୍ବାଦ ପରିପୂର୍ଣ୍ଣ ହୋଇ ରହିଛି । ସବୁଠି ବିଜ୍ଞାନ ଜୟଯାତ୍ରା ମନୁଷ୍ୟର ଜୀବନକୁ ସୁସ୍ଥ ଓ ସୁନ୍ଦର କରିଛି ।

ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ବିଜ୍ଞାନ ମାନବର ମହୋପକାର ସାଧନ କରିଛି । ଟେଲିଫୋନ, ଟେଲିଭିଜନ, ଇଣ୍ଟରନେଟ୍, କମ୍ପ୍ୟୁଟର, ବୁଡାଜାହାଜ, ଉଡାଜାହାଜ, ରକେଟ୍, ମଟର ଗାଡି, ଟ୍ରେନ୍, ଆଦି ବହୁ ବୈଜ୍ଞାନିକ ଉତ୍ପାଦନ ଏବଂ ଯନ୍ତ୍ରପାତି ତଥା କଳକବ୍ଜା ମଣିଷ ଜୀବନର ଅଶେଷ ଉପକାର ସାଧନ କରୁଛି ।

ଚିକିତ୍ସା କ୍ଷେତ୍ରରେ ବିଜ୍ଞାନର ଉପକାର କଥା ବିଚାର କଲେ ଆମକୁ ସର୍ବାନ୍ତଃକରଣରେ ବୈଜ୍ଞାନିକମାନଙ୍କୁ ଦେବତା ବୋଲି ବିଚାର କରାଯାଏ । ବିଜ୍ଞାନ ତଥା ବୈଜ୍ଞାନିକ ଗବେଷଣା ଫଳରେ ଚିକିତ୍ସା ଧାରାରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ବହୁ ଦୁରାରୋଗ୍ୟ ବ୍ୟାଧିଠାରୁ ସାଧାରଣ ବ୍ୟାଧି ପର୍ଯ୍ୟନ୍ତ ପ୍ରତ୍ୟେକର ଚିକିତ୍ସା ଏବେ ସହଜ ସରଳ ହୋଇଛି । ବିଜ୍ଞାନ ଦ୍ୱାରା ଅନେକ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ହୋଇପାରିଛି । ପୂର୍ବପରି ଏବେ ହଇଜା, ବସନ୍ତ, ମ୍ୟାଲେରିଆ, ଯକ୍ଷ୍ମା ଆଦି ବ୍ୟାଧି ଦ୍ୱାରା ଲୋକମାନେ ଅସହାୟ ଭାବେ ମୃତ୍ୟୁ ବରଣ କରୁନାହାନ୍ତି । ରଞ୍ଜନ-ରଶ୍ମି, ପେନସିଲିନ୍, କ୍ଲୋରଫର୍ମ, ଆଦି ବିଜ୍ଞାନର ମହାନ ଅବଦାନ । ଅସ୍ଥି ଓ ଶଲ୍ୟ ଚିକିତ୍ସା, ଅଲଟ୍ରାସାଉଣ୍ଡ,ଏଣ୍ଡୋସ୍କୋପି, ଟ୍ୟୁବେକ୍‌ଟମି ଆଦି ଚିକିତ୍ସା ଉପକରଣମାନ ମାନବ ଜୀବନ ସୁରକ୍ଷାର ମହାନ୍ ହେତୁ ।

ଚିକିତ୍ସା ବିଜ୍ଞାନକୁ ବାଦ୍ ଦେଲେ ମହାକାଶର ବହୁ ଅଜ୍ଞାନ ରହସ୍ୟ ଉଦ୍‌ଘାଟନ କରିବାରେ ବିଜ୍ଞାନର ଉପକାରିତା ସ୍ୱାଗତଯୋଗ୍ୟ । ଅନ୍ତରୀକ୍ଷ ବିଜ୍ଞାନୀମାନେ ଗବେଷଣା କରି ଗ୍ରହ, ଉପଗ୍ରହ, ଚନ୍ଦ୍ର,

ତାରା ଇତ୍ୟାଦି ଅନନ୍ତ ଗଗନର ରହସ୍ୟଭେଦ କରିବାରେ ସମର୍ଥ ହୋଇଛନ୍ତି । ବହୁ ଅଜ୍ଞାତ ତଥ୍ୟ ଆମର ଗୋଚର ହେଉଛି ।

ଯନ୍ତ୍ର ସଭ୍ୟତା ହେଉଛି ବିଜ୍ଞାନର ମହାନ୍ ଅବଦାନ । ବୈଜ୍ଞାନିକ କଳକବ୍ଜା ଓ ଯନ୍ତ୍ରପାତି ସାହାର୍ଯ୍ୟରେ ନାନା କ୍ଳେଶକର କାର୍ଯ୍ୟକୁ ଖୁବ୍ ସହଜରେ କରି ହେଉଛି । କୋଠାବାଡି, ପୋଲ, ରାସ୍ତାଘାଟ, ଯନ୍ତ୍ରପାତି, ଗାଡିମଟର, ମୁଦ୍ରଣାଳୟ ଇତ୍ୟାଦି ସ୍ଥଳରେ ବିଜ୍ଞାନର ଉପକାରିତା ନିହିତ ।

କମ୍ପ୍ୟୁଟର ହେଉଛି ବିଜ୍ଞାନର ଏକ ଅମୂଲ୍ୟ ଦାନ । ଏହାଦ୍ୱାରା ମାନବ ସମାଜର ସର୍ବବିଧ ସେବାକାର୍ଯ୍ୟ ସହଜରେ ହୋଇପାରୁଥିବାରୁ ଏହି ଯୁଗକୁ କମ୍ପ୍ୟୁଟର ଯୁଗ ବୋଲି କୁହାଯାଉଛି ।

ବିଜ୍ଞାନ ରାଜ୍ୟର ଏକ ସଭ୍ୟତାର ମହୋପକାର ସାଧକ । ଯଥାର୍ଥରେ ବିଜ୍ଞାନ ଆମ ଜୀବନକୁ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିଳାସବ୍ୟସନରେ ପୂର୍ଣ୍ଣ କରିଛି । ଅନ୍ଧକାରର ବଳୟ ଭିତରୁ ଉଦ୍ଧାର କରି ମାନବ ସମାଜକୁ ଆଲୋକମୟ ଦିଗନ୍ତର ସନ୍ଧାନ ଦେଇଛି ।

**ଚୈତି ଗଣ୍ଡ**, ଶ୍ରେଣୀ - ଏକାଦଶ

## ମୋ ସ୍ୱପ୍ନର୍ ବିଦ୍ୟାଳୟ୍



Manash Singh, Class-Viii, Chandanpur Ashram School

# ଗୀତାର ପାଠ ପଢିବାର ଲକ୍ଷ୍ୟ

ଗୋଟିଏ ଗାଁରେ ଜଣେ ସୁଦାମ ବୋଲି ଲୋକ ଥିଲା । ସେ କାମ କରି ପେଟ ପୋଷୁଥିଲା । ଗୋଟିଏ ଦିନ ସୁଦାମ ଚୋରି କରି ଘରକୁ ଆସିଲା । ତାର ସ୍ତ୍ରୀ ଆଉ ତାର ଝିଅ ଥିଲେ । ଝିଅର ନାମ ଥିଲା ଗୀତା । ଗୀତା ଅଷ୍ଟମ ଶ୍ରେଣୀ ପଢେ । ତାର ବୟସ ତେର ବର୍ଷ । ତାର ଛୋଟ ବେଳୁ ପାଠ ପଢିବାର ଇଚ୍ଛା ଥିଲା । ଗୀତାର ଲକ୍ଷ ଥିଲା ଶିକ୍ଷୟତ୍ରୀ ହେବା ପାଇଁ । ହେଲେ ଗୀତା କହିଲା ବାପା ମୁଁ ପାଠ ପଢିବା ପାଇଁ ସ୍କୁଲ ଯିବି । ହେଲେ ତାର ବାପା ପାଠ ପଢିବା ପାଇଁ ମନା କରୁଛି । ବାପା କହିଲା ତୁ ପାଠ ପଢିକି କଣ କରିବୁ ? ତୁ ଘରେ ରହିକି କାମଦାମ ଶିଖିବୁ । ଗୀତା କହିଲା ବାପା ମୁଁ କାମଦାମ ପରେ ଶିଖିବି । ଏବେ ଘର କାମ କରିବାକୁ ମା ଅଛି । ମୁଁ ଏବେ ପାଠ ପଢିବା ପାଇଁ ସ୍କୁଲ ଯିବି । ବାପା ତମେ ତ ଚୋରି କରିକି ପେଟ ପୋଷୁଛି । ମୁଁ ସ୍କୁଲ ଯିବି । ବାପା ତମେ ତ ମଦ ପିଇକି ସବୁବେଳେ ଗାଳି କରୁଛ । ମୁଁ ସ୍କୁଲ ଯାଇକି ଟିକେ ବି ପାଠ ପଢିବି । ଆମର ସାଇ ପଡିଶା ଘରର ଝିଅମାନେ ସବୁଦିନ ସ୍କୁଲ କୁ ଯାଇ ନୂଆ ନୂଆ ବିଷୟ ଜାଣୁଛନ୍ତି । ସେମାନେ ପାଠ ପଢା ସରିଗଲେ କିଛି ଛୋଟ ଛୋଟ ଚାକିରି କରି କି ସେମାନଙ୍କର ପରିବାରର ପେଟ ପୋଷୁଛନ୍ତି । ବାପା ତମେ ତୋ ମୋତେ ଚୋରି କରିବା ଶିଖାଇବ । ଆମ ସ୍କୁଲରେ ଗୁରୁମାନେ କହୁଥିଲେ, ଚୋରି କରିବା ମହାପାପ । କେବେହେଲେ ଚୋରି କରିବ ନାହିଁ । ଝିଅର କଥାକୁ ତା ବାପା ମନଦେଇ ଶୁଣିକି, ଚୋରିକାମ ଆଉ ମଦ ପିଇବା ବି ଛାଡି ଦେବି ବୋଲି ଗୀତା କୁ କହିଲା । ତାହା ପରେ ଗୀତାର ବାପା ଗୀତାକୁ ସ୍କୁଲ ପଠେଇଲା । ଗୀତା ସବୁଦିନ ସ୍କୁଲ ଗଲା ଓ ପାଠ ପଢିଲା । ଦିନେ ତାର ଲକ୍ଷ ପୂରଣ ହେଲା । ସେ ଜଣେ ଶିକ୍ଷୟତ୍ରୀ ହେଲା । ପରେ ତାଙ୍କର ଗାଁର ସବୁ ଝିଅଙ୍କୁ ମନ ଦେଇ ପାଠ ପଢିବା ପାଇଁ କହିଲା । ଜଣେ ଶିକ୍ଷୟତ୍ରୀ ହୋଇଥିବାରୁ ତାଙ୍କ ଗାଁରେ ଥିବା ମଦଭାଟି ଦୋକାନକୁ ବନ୍ଦ କରିଦେଲା । ଆଉ ତାଙ୍କ ଗାଁ ରେ ଯେତେ ଲୋକ ମଦ ପିଉଥିଲେ ଗୀତା ସେମାନଙ୍କୁ ସମସ୍ତଙ୍କୁ ମଦ ନପିଇବା ପାଇଁ ବୁଝାଇଲା ଓ ଗାଁର ଲୋକମାନେ ମଦ ପିଇବା ଛାଡିଦେଲେ । ଏବେ ସେ ଗାଁ ଗୋଟିଏ ସୁନ୍ଦର ଗାଁ ଟିଏ ହୋଇଛି । ଆଉ ସଭିଏଁ ଝିଅ ମାନଙ୍କୁ ପାଠ ପଢିବା ପାଇଁ ସ୍କୁଲ କୁ ପଠେଇଲେ । ଏବେ ସମସ୍ତେ ସବୁଦିନ ପାଠ ପଢିବା ପାଇଁ ସ୍କୁଲ କୁ ଯାଉଛନ୍ତି । ସବୁ ଲୋକମାନେ ଗୀତାକୁ ସାବାସ୍, 'ପାଠୁଆ ଝିଅ' ବୋଲି କହୁଛନ୍ତି ।

**ଶୁକ୍ରବାରୀ ପୂଜାରୀ, ଶ୍ରେଣୀ- ୧୦ମ**
ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମାଲଗାଁ, ନବରଙ୍ଗପୁର

# ବିଲୁଆ, କୁକୁର, ପିମ୍ପୁଡି, ହାତୀ ଓ ଶିକାରୀ

ଗୋଟିଏ ଜଙ୍ଗଲରେ ହାତୀ, ବିଲୁଆ, କୁକୁର ଓ ପିମ୍ପୁଡି ରହୁଥିଲେ । ଦିନେ ବିଲୁଆକୁ ଶିକାରୀମାନେ ଧରିକି ନେଇଗଲେ । ହାତୀ, କୁକୁର, ପିମ୍ପୁଡି ମିଶିକି ବିଲୁଆକୁ ଖୋଜିଲେ, ହେଲେ ପାଇଲେ ନାହିଁ । ଖୋଜି ଖୋଜି ହାଲିଆ ହୋଇଗଲେ । ସେମାନେ ଗୋଟିଏ ବରଗଛ ମୂଳରେ ଟିକିଏ ବିଶ୍ରାମ ନେଲେ । ବିଶ୍ରାମ ନେଉ ନେଉ ବର୍ଷା ହୋଇଗଲା । ସେହି ବର୍ଷା ପିମ୍ପୁଡିକୁ ଭସାଇ ନେଇଗଲା । ହାତୀ ଓ ପିମ୍ପୁଡି ସାଙ୍ଗ ଭାସି ଯାଉଛି ।  ସେମାନେ ଯେତେ ଚେଷ୍ଟା କଲେ ବି ପିମ୍ପୁଡିକୁ ବଞ୍ଚେଇ ପାରିଲେନି । ତା'ପରେ ହାତୀ ଓ କୁକୁର କାନ୍ଦିବାକୁ ଲାଗିଲେ ଓ ଘରକୁ ଫେରିଗଲେ । ଏତିକି ବେଳେ ଗୋଟିଏ ବିଲୁଆ ଆସିଲା, ହାତୀ ଓ କୁକୁର ପଚାରିଲେ ତୁମେ କିଏ ? ବିଲୁଆ କହିଲା ମୁଁ ଅନ୍ୟ ଏକ ଜଙ୍ଗଲରୁ ଆସିଛି । ଏଠି ଗୋଟିଏ ମୋର ବିଲାଆ ସାଙ୍ଗ ରହୁଥିଲା, ସିଏ କୁଆଡେ ଗଲା ? ହାତୀ ଓ କୁକୁର କହିଲେ ଦୁଇଦିନ ତଳେ ବିଲୁଆକୁ ଗୋଟେ ଶିକାରୀ ଧରି ନେଇଛି । ତାକୁ ଆମେ ପାଉନାହୁଁ । ଏତିକି କହି ବିଲୁଆ କହିଲା, ତା ହେଲେ ମୁଁ କିଛିଦିନ ପାଇଁ ଏଠି ରହିବି ବିଲୁଆ ସାଙ୍ଗକୁ ଖୋଜିବା ପାଇଁ, ହଁ । ଏହା କହି ବିଲୁଆ, ହାତୀ ଓ କୁକୁର ଖୋଜିବାକୁ ଗଲେ । ଖୋଜି ଖୋଜି ସେମାନେ ଗୋଟିଏ ନଈ କୂଳରେ ବସିଲେ । ବସୁ ବସୁ ପିମ୍ପୁଡି ଆସିଲା ହାତୀ ଓ କୁକୁରକୁ କହିଲା ମୁଁ ତମ ସାଙ୍ଗ ପିମ୍ପୁଡି, ମତେ ସେଦିନ ପାଣି ଭସେଇ ନେଇ ଥିଲା । ଏହା ଶୁଣି ହାତୀ ଓ କୁକୁର ଖୁସୀରେ ନାଚି ପକେଇଲେ । କହିଲେ ଆମେ ବିଲୁଆ ସାଙ୍ଗକୁ ଖୋଜିବାକୁ ଯାଉଥିଲୁ, ଯାହା ହଉ ତୁମେ ପହଞ୍ଚିଗଲ । ହେଲେ ତୁମେ ପାଣିରୁ କେମିତି ବାହାରିଲ ? ପିମ୍ପୁଡି କହିଲା ପାଣିରେ ଭାସି ଯାଉଥିବା ବେଳେ ଗୋଟିଏ ଗଛରୁ ପତ୍ରଟିଏ ପଡିଲା । ସେହି ପତ୍ରରେ ଚଢି ମୁଁ ବାହାରକୁ ଆସିଲି । ଏହା ଶୁଣି ବିଲୁଆ କହିଲା ଏତିକି କଥାବାର୍ତ୍ତା ହୁଅ । ଏବେ ଚାଲ ବିଲୁଆ ସାଙ୍ଗକୁ ଖୋଜିବାକୁ ଯିବା । ଯାଉ ଯାଉ ସେମାନେ ଗୋଟିଏ ଗୁମ୍ଫା ଦେଖିଲେ, ସେହି ଗୁମ୍ଫା ଭିତରେ ଶିକାରୀମାନେ ରହୁଥିଲେ । ସେମାନେ ସେଠାରେ ବିଲୁଆଟି ବନ୍ଧା ହୋଇଥିବାର ଦେଖିଲେ । କୁକୁର ଓ ପିମ୍ପୁଡି କ'ଣ କରିବେ ବୋଲି କଥାହେଲେ । ପିମ୍ପୁଡି କହିଲା, କୁକୁର ସାଙ୍ଗ ମୁଁ ଯେତେବେଳେ ଶିକାରୀ ପାଖକୁ ଯାଇ ତାକୁ କାମୁଡିବି, ସେତେବେଳେ ତୁମେ ବିଲୁଆ ପାଖକୁ ଯାଇ ବନ୍ଧା ହୋଇଥିବା ଦଉଡିକୁ କାମୁଡି ଛିଡାଇ ଧାଇଁକି ପଳେଇବ । ଏମିତି କଥା ହୋଇ ପିମ୍ପୁଡି ଗୋଟିଏ ଶିକାରୀ ପାଖକୁ ଯାଇ ତାକୁ କାମୁଡିଦେଲା । ଶିକାରୀ ଜୋରରେ ଚିତ୍କାର କଲା । ଚିତ୍କାର ଶୁଣି ସମସ୍ତେ ଶିକାରୀ ପାଖକୁ ଧାଇଁଲେ । ଏହି ସୁଯୋଗ ପାଇ କୁକୁର ଯାଇ ଦଉଡିକୁ କାମୁଡି ଛିଣ୍ଡେଇ ଦେଲା ଓ ସେମାନେ ଖସି ପଳାଇଲେ । ସେମାନେ ଘରେ ପହଞ୍ଚି ପୂର୍ବପରି ଖୁସିରେ ରହିଲେ ।

ରବି ମୁଣ୍ଡା, ଶ୍ରେଣୀ- ସପ୍ତମ
ଆଲୁଅଝରଣ ଆଶ୍ରମ ବିଦ୍ୟାଳୟ, ଢେଙ୍କାନାଳ

# नीड का निर्माण

देखा जाता है कि चिडियाँ अपने नीड या घोसले को बार-बार बनाती हैं। ऐसे मनुष्य मनुष्य भी नये-नये घरों का निर्माण बराबर करते रहते हैं। रहने के लिए वे उनको बनाते हैं, क्योंकि उनसे अपने बच्चों ओर परिबार के दुसरे लोगों के प्रति स्नेह भाव होता है। प्राणी की यह जीने की इछा अदम्य है। इसलिए नीड या घर बार-बार टुटने पर भी पक्षी और नर-नारी उसे बनाते रहते हैं। छोटे लोगों का जीबन छोटी चिडिया का नीड आँधी तुफान में, अंधेरे में, धुल की आंधी में गीर जाता है। अर्थात् पृथ्वी पर बार-बार विपत्तियाँ आती हैं। कभी बिपत्ति भयानक होती है तो दिन में रात सा अंधेरा हो जाता है। रात भी घर अंधकार में डुब जाति है। लगता है कि क्या सबेरा नेहीं होगा ? सब के सब भीतत्रस्त हो जाते हैं। इतने में पुर्व दिशा से हँसती हुइ उषा-रानी आ जाती है। भयंकर दु:ख से सुख की यह किरण नये जीबन के लिए प्रेरणा देती है। यह स्नेह और प्रेम का आह्वान है। जब बडे तुफान से पृथ्वी काँप उठती है, बडे बडे पेड उखड जाते है, उसकि डाल पर घोंसले कहाँ उडकर टुट बिखर जाते हैं और तो और, बडे बडे मकान जो ईंट पत्थर से बने होते हैं. बडे मजबुत होते हैं वे भी ढह जाते हैं। उस वक्त एक छोटी सी चिडिया नये जीबन की आशा लेकर आशमान पर चढ जाती है। वह विपत्ति से डरती नहीं। चाहे जो हो नीड का निर्माण फिर करेगी। कुछ मनुष्य भी ऐसे ही उत्साही होते हैं। आकाश के बडे बडे भयानक दाँतो से उषा मुस्कुराती है। जब बादल गरजते हैं तब चिडिया चोंच में तिनका लेकर उड जाती है। वह उनचास पबन की भी परबाह नहीं करती।

नाश से दु:ख तो होता है। लेकिन उसको नेर्माण या सृजन का सुख दबा देता है। नीचा दिखा देता है। प्रलय होता है। उसके चारोओर सन्नाटा छा जाता है। लेकिन् फिर से नयी सृष्टि के गीत भी बार बार गाये जाते हैं। प्राणी मरता नहीं, बार बार जीता है। इसी जीने को जीबन कहते हैं।



**बासू केउँट**, कक्षा-१०बी

सरकारी उच्च माध्यमिक बिद्यालय, धरमबंधा

# ଆମେ ସବୁ କୁନି କୁନି ପିଲା

ଦୁନିଆ ରେ ସାନ ବଡ ବୋଲି
ସଭିଏଁ କରନ୍ତି ପ୍ରଚାର,
ପ୍ରଚାର ମଧ୍ୟରେ ଛୋଟ ହୁଏ ବଡ
ବଡ ହୁଏ ଅବା ସାନ ।
ଦୁନିଆ ମଧ୍ୟରେ ସାନର ଗାରିମା
ଦିଶୁଥାଏ ବହୁମାନ,
ମାନ ଅଭିମାନ ନକରି ସରବେ
ତୁଚ୍ଛାରେ ହୁଅନ୍ତି ଅପମାନ ।
ଆମେ ସବୁ ପରା ପରାଣ ଭିତରେ
ରହିଥାଉ ସଦା ସ୍ୱାଭିମାନ,
ଛୋଟ ଛୋଟ ପତ୍ର ଗଛକୁ କରାଏ
ନବୀନ ଅମୃତମୟ ।
ଆମେ ସେହିପରି ଛୋଟ ପିଲା ହୋଇ
ରଖିବୁ ଦେଶର ମାନ,
ଦେଶ ଜାତି ପାଇଁ ସ୍ୱାଭିମାନ ଆଣି
ଗରବେ କରିବା ପ୍ରଚାର ।
ଗାନ୍ଧୀ ମହତମା ଆଉ ସୁଭାଷ ବୋଷ
ଦେଶ ଜାତିର ସନମାନ,
ତାଙ୍କ ପରି ଆମେ ହୋଇଲେ ସଭିଏଁ
ଦେଶରୁ ଯିବ ଅପକୀର୍ତ୍ତି ଅପମାନ ।
ଭାଇ ଭଉଣୀଏ ସଭିଏଁ ମିଶିକି
ଆମ ଦେଶକୁ ସୁରକ୍ଷା ଦେବା,
ଦେଶକୁ ସୁରକ୍ଷା ଦେବା ପାଇଁ ସଦା
ନିଜକୁ ପାସୋରି ଯିବା ।
ସାନ ହୋଇ ଯଦି ଗରବେ କହିବା
ସଭିଏଁ ଭାରତବାସୀ.
ଭାରତ ମାତାର ଦୁଃଖ କଷ୍ଟ ସବୁ
ଅଚିରେ ଯିବରେ ହଜି ।

**ରଞ୍ଜିତା ଗଣ୍ଡ**, ଶ୍ରେଣୀ- ୧୦ମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯୋଡିଙ୍ଗା, ନବରଙ୍ଗପୁର



# ମା'ର ମଧୁର ବାଣୀ




ମା ବୋଲି ଯେଉଁ ନାଆଁଟି କିଏ ବାଛିଲା ସତେ
ତାଠୁଁବଳି ଆଉ ମଧୁର କିଛି ନ ଲାଗେ ମତେ
ଅଳିଅଝଟକୁ ମୋର ଶୁଣିବ, ଆଉ କିଏ ତାପରି
ଯେତେ ଦୋଷ କଲେ ସହିବ, ନେବ କୋଳେ ଆଦରି ।
ଖାଇନଥିଲେ କେ କହିବ ମା'ରେ
ଶୁଖିଲାଣି ସୁନା ମୁହଁ ତୋର ଭୋକ ବିକଳେ
ରୋଗ ହେଲେ କିଏ ନିମିଷେ ପାଖ ଛାଡି ନ ଯିବ
ନିଜ ଲୋକ ବୋଲି ମୋ ପାଶେ କିଏ ଜଗି ବସିବ
କୋଳରେ ପୂରାଇ କାନିରେ ଲୁହ ପୋଛିବ
ଧନ ସେ ଯେ ନିଜ ଜୀବନକୁ ମୋ ସେବାରେ ଦିଏ ॥


ମାଳତୀ ଜାମୁଦା, ଶ୍ରେଣୀ  ଦଶମ
ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବର ଘାଟୀ, ଯାଜପୁର

# ବୁଦ୍ଧି ଯାହାର୍ ବଳ ତାହାର୍

କୁକୁଡାଟି ବୁଦା ପାଖରେ ଚରୁଥାଏ । ବିଲୁଆଟିଏ ତାକୁ ଧରିନେଲା । କୁକୁଡା ମନେ ମନେ ଭାବିନେଲା ଯା କବଳରୁ ବର୍ତ୍ତିବା ମୋ ପାଇଁ ଅସମ୍ଭବ । ତଥାପି ଚେଷ୍ଟା କରିଦେଖେ । ସାଙ୍ଗେ ସାଙ୍ଗେ କହିଲା, "ବିଲୁଆ ଭାଇ ତମେ କେମିତିଆ ଲୋକ ମ ! ମୁଁ ଯଦି ତୁମପରି ହୋଇଥାନ୍ତି, ଆଉ ତୁମେ ମୋ ଜାଗାରେ ଥାନ୍ତ, ମୁଁ ମନଖୁସିରେ ଗୀତ ଗାଇଗାଇ ଯାଉଥାନ୍ତି । ବିଲୁଆ ଭାବିଲା କୁକୁଡା ଠିକ୍ କହୁଛି । ମୋ ଭଳି ଚାଲାକ୍ ଲୋକ କାହିଁକି ମନଦୁଃଖରେ ରହିବ । ସେ କୁକୁଡାର ଚାଲାକି ବୁଝିନପାରି ଗୀତ ଗାଇବା ଆରମ୍ଭ କରିଦେଲା । ଯେମିତି ଆଁ କରିଛି କୁକୁଡା ଚମ୍ପଟ । ବିଲୁଆ କାନମୁଣ୍ଡା ଆଉଁସି ଜଙ୍ଗଲ ଭିତରକୁ ଚାଲିଗଲା । ବୁଦ୍ଧିବଳରୁ କୁକୁଡା ରକ୍ଷା ପାଇଗଲା ।

ମାନିକା ହେମ୍ବ୍ରମ୍, ୭ମ ଶ୍ରେଣୀ
ଆଲୁଅ ଝରଣ ଆଶ୍ରମ ବିଦ୍ୟାଳୟ, ଢେଙ୍କାନାଳ





# ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ

ଗୋଟିଏ ଗାଁରେ ରମେଶ ବୋଲି ଗୋଟିଏ ଗରିବ ବାଳକ ରହୁଥିଲା । ସେ ପିଲାଟି ଦିନରୁ ତା' ବାପା, ମା' ଙ୍କୁ ହରାଇଥିଲା । ତେଣୁ ସେ ତା'ର ବୁଢି ମା' ପାଖରେ ରହୁଥାଏ । ରମେଶ ଗରିବ ହେଲେ ମଧ୍ୟ ପରୋପକାରୀ ଥିଲା । ତାଙ୍କ ଗାଁରେ ସମସ୍ତଙ୍କୁ ରମେଶ ତା ସକ୍ଷମ ଅନୁସାରେ ସାହାର୍ଯ୍ୟ କରେ । ଥରେ ତାଙ୍କ ଘର ପାଖରେ ଥିବା ଜଣେ ବୃଦ୍ଧା ମହିଳା ଶୀତରେ ଥରୁଥିବାର ରମେଶ ଦେଖିଲା । ତେଣୁ ସେ ବିଳମ୍ବ ନକରି ତା' ନିଜର କମ୍ବଳଟିକୁ ଆଣି ବୁଢୀ ଲୋକଟିକୁ ଦେଇଦେଲା । ଏହି ସାହାର୍ଯ୍ୟ ଗୁଣ ଯୋଗୁ ଗାଁର ସବୁ ଲୋକେ ରମେଶକୁ ଭଲ ପାଉଥିଲେ ।

ଥରେ ରମେଶ ଜାଳ କାଠ ସଂଗ୍ରହ କରିବା ପାଇଁ ଜଂଗଲକୁ ଯାଇଥିଲା । ସେ ଯେଉଁ ଗଛରେ ଚଢି ଜାଳକାଠ ସଂଗ୍ରହ କରୁଥିଲା, ସେହି ଗଛ ନିକଟରେ ଡାକୁମାନେ ରହୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ରମେଶକୁ ଦେଖିଲା । ସେ ଭାବିଲା ପିଲାଟି ଆମ ଠିକଣା ସମସ୍ତଙ୍କୁ ଜଣାଇଦେବ । ତେଣୁ ଡାକୁ ସର୍ଦ୍ଦାର ପିଲାଟିକୁ ମାରିବା ପାଇଁ ଗୋଟିଏ ତୀକ୍ଷ୍ଣ ଛୁରୀ ହାତରେ ଧରି ଆସିଲା ।  ରମେଶ ଏକଥା କିଛି ଜାଣି ନଥିଲା । ସେ ଶୁଖିଲା ଜାଳ ସଂଗ୍ରହରେ ବ୍ୟସ୍ତ ଥିଲା । ଡାକୁଟି ଯେତେବେଳେ ରମେଶକୁ ମାରିବା ପାଇଁ ଆସିଲା, ସେତେବେଳେ ତା'ର ଗୋଡ ଝୁଣ୍ଟିହୋଇ ସେ ତଳେ ପଡିଗଲା । ଛୁରୀଟା ତା ହାତରୁ ଖସି ଯାଇ ତା' ପେଟରେ ଗଳିଗଲା । ତେଣୁ ଡାକୁଟି ତଳେ ପଡିଯାଇ ଚିତ୍କାର କଲା । ଚିତ୍କାର ଶୁଣି ରମେଶ ଗଛରୁ ଓହ୍ଲାଇଲା ଓ ସଙ୍ଗେ ସଙ୍ଗେ ଡାକୁଟିକୁ ସାହାର୍ଯ୍ୟ କରିବା ପାଇଁ ଆଗେଇ ଆସିଲା । ଡାକୁଟି ପିଲାଟିର ସାହାର୍ଯ୍ୟ ମନୋଭାବ ଦେଖି ଖୁସି ହେଲା ଓ ନିଜର କୁକର୍ମ ପାଇଁ ଅନୁତାପ କଲା । ତେଣୁ କଥାରେ ଅଛି- ଯେ ପାଞ୍ଚେ ପରମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।

**ସଲମା ମାରାଣ୍ଡି**, ଶ୍ରେଣୀ - ସପ୍ତମ


କାଠଗଡା ଆଶ୍ରମ ବିଦ୍ୟାଳୟ, ଢେଙ୍କାନାଳ

# ପିମ୍ପୁଡି ଓ ପଙ୍ଗପାଳ ଝିଣ୍ଟିକା

ପିମ୍ପୁଡି ଓ ପଙ୍ଗପାଳ ପଡୋଶୀ ଥିଲେ । ମାତ୍ର ସ୍ୱଭାବରେ ଜଣେ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପିମ୍ପୁଡି ଓ ତାର ପରିବାର ବହୁତ ପରିଶ୍ରମୀ ଥିଲେ । ସେମାନେ ପ୍ରତିଦିନ କଠିନ ପରିଶ୍ରମ କରୁଥିଲେ । ସେମାନେ ଚାଉଳ, ଚିନି ଓ ଅଟା ଏକତ୍ରିତ କରୁଥିଲେ । ଯେତିକି ଆବଶ୍ୟକ ହେଉଥିଲା ଖାଉଥିଲେ ଓ ବଳକା ଖାଦ୍ୟ ଭବିଷ୍ୟତ ପାଇଁ ସାଇତି ରଖୁଥିଲେ । ପିମ୍ପୁଡିକୁ ବିନା କାର୍ଯ୍ୟରେ ଏଣେତେଣେ ବୃଥା ବୁଲିବା ଓ ଖୁସିଗପ କରିବାକୁ ସମୟ ମିଳୁନଥିଲା । ଅନ୍ୟପକ୍ଷରେ ପଙ୍ଗପାଳ ପରିବାରର ସଦସ୍ୟମାନେ ନିଜ ସମୟର ପ୍ରତ୍ୟେକ ମୁହୂର୍ତ୍ତ ମୌଜ-ମଜଲିସ୍ ତଥା ଆନନ୍ଦ-ଉତ୍ସାହରେ ଅତିବାହିତ କରୁଥିଲେ । ଭଲପାଗରେ ସେମାନେ ଉତ୍ସବରେ ଯୋଗ ଦିଅନ୍ତି ଓ ନାଚ ଗୀତରେ ସମୟ ଅତିବାହିତ କରନ୍ତି । ସେମାନେ ପିମ୍ପୁଡି ପରିବାରକୁ ଥଟ୍ଟା ପରିହାସ କରନ୍ତି ଯେଉଁମାନେ କେବେହେଲେ ମଧ୍ୟ ଆନନ୍ଦ ଉତ୍ସବରେ ଯୋଗ ଦିଅନ୍ତି ନାହିଁ । ସେହି ବର୍ଷ ଶୀତ ଋତୁରେ ଅତ୍ୟଧିକ ଶୀତ ହେଲା । ପଙ୍ଗପାଳ ଓ ପିମ୍ପୁଡି ବାହାରକୁ ଯାଇ ଆଉ ଖାଦ୍ୟ ସଂଗ୍ରହ କରିପାରିଲେ ନାହିଁ । ପଙ୍ଗପାଳ ପରିବାରରେ ଆଉ କିଛିହେଲେ ଖାଦ୍ୟପଦାର୍ଥ ନଥିଲା କାରଣ ସେମାନେ ଭବିଷ୍ୟତ ପାଇଁ ଖାଦ୍ୟ ପଦାର୍ଥ ସଞ୍ଚୟ କରି ରଖୁନଥିଲେ । ପଙ୍ଗପାଳ ପିମ୍ପୁଡି କୁ କହିଲା କ'ଣ ଆପଣ ମୋତେ କିଛି ଖାଦ୍ୟ ବା ଭୋଜନ ଦେଇପାରିବେ ? ମୋ ପରିବାରର ସଦସ୍ୟମାନେ ଭୋକ ଉପାସରେ ମରୁଛନ୍ତି । ପିମ୍ପୁଡି କହିଲା ହଁ, ମୁଁ ତ ଦେଇ ପାରିଥାଆନ୍ତି, ମାତ୍ର ମୁଁ କଠିନ ପରିଶ୍ରମ କରିଛି । ଏହିସବୁ ଖାଦ୍ୟ ମୁଁ ମୋ ପରିବାରର ସଦସ୍ୟ ମାନଙ୍କ ପାଇଁ ରଖିଛି । ବସନ୍ତ ଓ ଗ୍ରୀଷ୍ମ ଋତୁସାରା ତୁମ୍ଭେମାନେ କଣ କରୁଥିଲ ? ଝିଣ୍ଟିକା କହିଲା- ପାଗ ଏତେ ସୁନ୍ଦର ଓ ଆନନ୍ଦ ଦାୟକ ଥିଲା ଯେ ଏଥିରେ ଆମ୍ଭେମାନେ ବିଭିନ୍ନ ପ୍ରକାରର ଗୀତ ଓ ନାଚରେ ବ୍ୟସ୍ତ ରହିଲୁ । ପିମ୍ପୁଡି କହିଲା- ତେବେ ଯାଅ ଏଇ ଶୀତଋତୁରେ ମଧ୍ୟ ନାଚଗୀତରେ ଅତିବାହିତ କରିଦିଅ । ମନେରଖ, କଠିନ ପରିଶ୍ରମ କରିବା ସହଜ ନୁହେଁ, ମାତ୍ର ଏହାର ଫଳ ଅତି ମିଠା ହୋଇଥାଏ ।

**ମୌସୁମୀ ମାର୍ଣ୍ଡି**, ଶ୍ରେଣୀ- ସପ୍ତମ
ଆଲୁଅ ଝରଣ ଆଶ୍ରମ ବିଦ୍ୟାଳୟ, ଢେଙ୍କାନାଳ





# ପାରିବି ମୁଁ କରି

ଏତେ ବଡ ଏହି ସଂସାର ଭିତରେ
ଅଟେ ସିନା ମୁହିଁ ସାନ,
କାମ କରିବାକୁ ହାତ ଅଛି ମୋର
ଭାବିବାକୁ ଅଛି ମନ ।
ବରଷା ଆସିବ ନଈବଢି ହେବ
ବିଲ ବାଡି ଯିବ ଧୋଇ,
ଘରିବ କୁଡିଆ ମାଟିରେ ମିଶିବ
ଭାସି ଯିବେ ଗୋରୁ ଗାଈ ।
ଏତେ ପାଣି ସୁଅ ରୋକିବାକୁ ସିନା
କରି ନ ପାରିବି କିଛି,
ଦୁଃଖୀ ଭାଇଟିର ଆଖିରୁ ପାରିବି
ଲୁହ ଦୁଇ ଧାର ପୋଛି ।
ଖରା ବରଷାରେ ଚାଷୀ ଭାଇ ଖଟି
ବିଲରେ ଫଳାଏ ଧାନ,
ବଢେଇ, କମାର, ଗୋପାଳକ ଯେତେ
ଖଟୁଛନ୍ତି ନିତି ଦିନ ।

ଏତେ ଭିଡ କାମ କରିବାକୁ ସିନା
ନାହିଁ ମୋ ହାତରେ ବଳ,
ମାଆ ସଙ୍ଗେ ମିଶି କରିପାରିବି ମୁଁ
ଘରଟିକି ନିରିମଳ ।
ଦଇବୀ ଘଟଣା ଘଟୁଅଛି ନିତି
ଶୁଣି ଲାଗେ ମୋତେ ଡର,
ରୋଗ ଶୋକ ସହି ବିକଳରେ ଲୋକେ
ହେଉଛନ୍ତି ହରବର ।
କାହିଁ କେତେ କଥା ଘଟୁଛି ସଂସାରେ
ନ ପାରିବି ସିନା ଦେଖି,
ଭିକାରି ହାତକୁ ଭିକ ମୁଠେ ମୁଠେ
ଦେଇ ପାରିବି ମୁଁ ଟେକି ।
ଏତେ ବଡ ଏହି ସଂସାର ଭିତରେ
ଅଟେ ସିନା ମୁହିଁ ସାନ,
କାମ କରିବାକୁ ହାତ ଅଛି ମୋର
ଭାବିବାକୁ ଅଛି ମନ ।

**କୁମାରୀ ମାନି ଗାଗ୍ରାଇ, ନବମ ଶ୍ରେଣୀ**
ସରକାରୀ ଉଚ୍ଚ ବିଦ୍ୟାଳୟ, କନ୍ତୋଲ, ଢେଙ୍କାନାଳ

## ଏକରେ ଅନେକ

ଗୋଟିଏ ଗୋଟିଏ ଫୁଲକୁ ଗୁନ୍ଥିଲେ
ହୋଇଯାଏ ଫୁଲମାଳ,
ଟୋପାଏ ଟୋପାଏ ବରଷା ପାଣିରେ
ନଇ ଛୁଏଁ ଦୁଇକୂଳ ।
ଗୋଟିଏ ଗୋଟିଏ ପଥର ଯୋଡିକି
ଗଢାହେଲା କୋଣାର୍କ
ଗୋଟିଏ ଗୋଟିଏ ଶବ୍ଦ ଯୋଡିକି
ଲେଖାହୁଏ ଗୀତ, ଗପ ।

ଟିକିଏ ଟିକିଏ ମହୁକୁ ସାଇତି
କେତେ ମହୁଫେଣା ହୁଏ
ଟିକିଏ ଟିକିଏ ମାଟିରେ କେମିତି
ଉଇହୁଙ୍କା ହୋଇଯାଏ ।
ଗୋଟିଏ ଗୋଟିଏ ମନକୁ ଯୋଡିକି
ସଂସାରଟି ହସି ଉଠେ ।
ସେହି ସଂସାରକୁ ଆପଦେ, ବିପଦେ
ଇଶ୍ୱର ସହାୟ ହୁଏ ।

**କୁମାରୀ ଗାନର ପୂର୍ଣ୍ଣୀ,** ଶ୍ରେଣୀ - ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କପିଳାସ, ଢେଙ୍କାନାଳ

## ଶୀତୁଆ ସରଗୀଫୁଲ

ପୁରୁବେ ସୁରୁଜ ଆସୁଛି ଉଇଁ
ଶୀତୁଆ ପବନ ଦେହକୁ ଛୁଇଁ ।।୧।।
କାକର କୁହୁଡି ପଡୁଛି ପରା
ସୁନ୍ଦର ଦିଶୁଛି ଆମରି ଧରା ।।୨।।
ଏମିତି ସମୟେ ଆମ ବିଦ୍ୟାଳୟେ
ସରଗୀଫୁଲ ପାଇଁ ସଜାଇ ହୁଏ ।।୩।।

ଫୁଲ କଢି ସବୁ ସତେ ଫୁଟିବେ
ଧରଣୀକୁ ଆଲୋକିତ କରିବେ ।।୪।।
ବଣର ମଲ୍ଲୀକୁ ଝଡିବା ପାଇଁ
ଦେବନି ଅମେ ଶପଥ ନେଇ ।।୫।।
ଆମରି ଜାତି କୁ କରି ଉନ୍ନତ
ରଖିବା ଦେଶର ମାନ ମହତ ।।୬।।

**ପମାଲୀ ସୋରେନ୍,** ଶ୍ରେଣୀ- ସପ୍ତମ
କାଠଗଡା ଆଶ୍ରମ ବିଦ୍ୟାଳୟ, ଢେଙ୍କାନାଳ

# ଜନନୀ ଜନମ ମାଟି ଏଇ ମୋର ଗାଆଁ

ଜନନୀ ଜନମ ମାଟି
ଏଇ ମୋର ଗାଆଁ,
ଭୁଲିନାହିଁ ନ ଭୁଲିବି
କେବେ ତାର ନାଁ
ସୁନ୍ଦର ଆମ ନଈ
ସୁନ୍ଦର ଆମ ପାହାଡ
କେତେ ମଧୁର ଆମ ଗାଁର ଘର
କେତେ ମଧୁର ଗାଁର ପାଣି ପବନ
ଜନନୀ ଜନମ ମାଟି
ଏଇ ମୋର ଗାଆଁ,
ସୁନ୍ଦର ଆମ ଶାଗୁଆ ଭୂଇଁ
ସୁନ୍ଦର ଆମ ଝରଣା ନଈ
କେତେ ନିରିମଳ ଆମ ଜନ୍ମଭୂମି
କେତେ ଅଳି ଅଝଟ ସହିଛି ଆମର
ଏଇ ମୋର ଗାଆଁ
ଜନ୍ମଭୂମି ତା'ର ନାଁ
କେବେ କାହା ସାଥେ ଅଭିମାନ ନାହିଁ
କେତେ ସୁନ୍ଦର ମୋ ଜନ୍ମଭୂମି
ଜନନୀ ଜନ୍ମଭୂମି
ଏଇ ମୋର ଗାଆଁ


**ଉଷାବତୀ ପାତ୍ର**, ଶ୍ରେଣୀ – ୧ ମ ବର୍ଷ
ବିଜ୍ଞାନ
ସରକାରୀ ଉଚ୍ଚ ବିଦ୍ୟାଳୟ, ଲାଞ୍ଜିଗଡ



# ଅହଙ୍କାରୀ କଇଁଛ

ଗୋଟିଏ ପୋଖରୀ କୂଳରେ ଦୁଇଟି ହଂସ ରହୁଥିଲେ ପୋଖରୀରେ ଥିବା ଗୋଟିଏ କଇଁଛ ସେମାନଙ୍କର ସାଙ୍ଗ ଥିଲା । ସେମାନେ ନିରୋଳାରେ ନିଜ ଭିତରେ କେତେ ଭଲ ମନ୍ଦ ବିଷୟରେ ଗପସପ ହେଉଥିଲେ ।

ଦିନେ ଗାଁଲୋକ ଠିକ୍ କଲେ ପୋଖରୀରୁ ସବୁ ମାଛ, କଇଁଛ ଧରିବେ । ହଂସ ଦୁଇଟି ଯାଇ କଇଁଛକୁ ଏକଥା କହିଲେ । ସେ କହିଲା ମୋତେ ଆଉ ଗୋଟିଏ ପୋଖରୀରେ ନେଇ ଛାଡିଆସ । ହଂସ ଯୋଡିକ ଖଣ୍ଡେ ବାଡି ଆଣିଲେ । ସେହି ବାଡିରେ ଦୁଇପଟକୁ ଦୁଇଟି ହଂସ କାମୁଡି ଧରିଲେ । ବାଡି ଖଣ୍ଡକର ମଝିରୁ କଇଁଛ କାମୁଡି ଧରିଲା । ହଂସମାନେ ଆକାଶରରେ ଉଡିକି ଚାଲିଲେ । ଗୋଟିଏ ପଡିଆରେ ଗାଈଆଳ ପିଲା ଖେଳୁଥିଲେ । ସେମାନେ ହଂସ ଓ କଇଁଛକୁ ଦେଖି ତାଳିମାରି ପାଟି କଲେ । ଜଣେ କହିଲା କଇଁଛଟା ପଡିଯାନ୍ତା କି ? ଆଉ ଜଣେ କହିଲେ କଇଁଛଟା ପଡିଗଲା ସଙ୍ଗେ ସଙ୍ଗେ ଏଇଠି ତାକୁ ପୋଡିଦେଇ ଖାଇ ଦିଅନ୍ତି । ଏକଥା ଶୁଣି କଇଁଛ ରାଗି ଯାଇ ସେମାନଙ୍କୁ ଗାଳି ଦେବାକୁ ମୁହଁ ଖୋଲିବା ମାତ୍ରେ ତଳେ ପଡିଗଲା । ପିଲାମାନେ ହୋ ହୋ ହୋଇ କଇଁଛକୁ ମାଡି ବସିଲେ । କଇଁଛର ଅହଙ୍କାର ଥିବାରୁ ସେ ଗାଈଆଳଙ୍କ କଥା ସହି ନ ପାରି ଧରାପଡିଲା ଆମେ ତେଣୁ ଆମେ ଅହଂକାର କରିବା ନାହିଁ ।



କାପୁରା ଟୁଡୁ, ଶ୍ରେଣୀ ସପ୍ତମ
ସରକାରୀ ଉଚ୍ଚ ବିଦ୍ୟାଳୟ ଗୋବର ଘାଟୀ, ଯାଜପୁର

**ଆମେ ପାଠ ପଢିବା ଦୁନିଆ ଗଢିବା**



Dharmendra Pradhan, Class-X, Govt. SSD High School, Bataguda, Odisha

# ଭୟ

ଆଗକାଳରେ ଆମର ଗୁରୁଜନମାନେ  କହୁଥିଲେ ସାନକୁ 'ଲାଜ' ଓ ବଡକୁ 'ଭୟ' । ଏ ହେଉଛି ଆମର ସଂସ୍କାର । ସାନ ସାଙ୍ଗର ଯେତେବେଳେ ଆମ୍ଭେମାନେ କଥାବାର୍ତ୍ତା ହେଉଛୁ ଆମ୍ଭେମାନେ ସର୍ବଦା ବାକ୍ ସଞ୍ଜମତା ରକ୍ଷା କରିବା ଉଚିତ୍ । ଅନ୍ୟଥା ସମ୍ମାନ ହାନୀ ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି । ସାନମାନେ ଯେତେବେଳେ ବୟୋଜ୍ୟେଷ୍ଠ ଲୋକଙ୍କ ସାଥିରେ କଥାବାର୍ତ୍ତା ହେଉଛନ୍ତି ସେମାନେ ମଧ୍ୟ ସେତେବେଳେ ଯଥାସାଧ୍ୟ ସଂଭ୍ରମତା ରକ୍ଷା କରିବା ଉଚିତ୍ ଯେପରିକି ଯାହା ସାଙ୍ଗରେ କଥାବାର୍ତ୍ତା ହେଉଛନ୍ତି (ଗୁରୁଜନ) ତାଙ୍କର ସମ୍ମାନହାନୀ ନ ଘଟେ ।

ଏହା କୌଣସି ଆଇନଗତ 'ଭୟ' ନ ଥିଲା  । ଏ ଥିଲା ଆମ ଭାରତୀୟ ସଂସ୍କୃତିର ମୌଳିକ ଆଦର୍ଶ ।

ଆଜିର ଏହି ଆଧୁନିକ ଯୁଗରେ ମଣିଷର ହୃଦୟରୁ ଲଜ୍ଜା, ଭୟ ଓ ଆଦର୍ଶ ନିଶ୍ଚିହ୍ନ ହେବାକୁ ବସିଛି । ଆମେ ଦାମ୍ଭିକ ହୋଇ ଯାଉଛୁ କହିଲେ ଅତ୍ୟୁକ୍ତି ହେବନାହିଁ । ଆମେ ଦମ୍ଭର ସହିତ ଯଦିଓ କହି ପାରିବା 'ଆମେ ଆଧୁନିକ ବିଜ୍ଞାନ ଯୁଗର ମଣିଷ' । କିନ୍ତୁ ଆମେ କହିପାରିବା ନାହିଁ ଆମେ ଯେ ସଂସ୍କୃତି ସମ୍ପନ୍ନ ମଣିଷ ।

ଆମେ ଆଜି ନୀତି ଓ ଆଦର୍ଶକୁ ଯେତେ ଭୟ କରୁନାହୁଁ ତାଠୁ ବେଶି 'ଭୟ' କରୁଛୁ ସରକାରୀ ଆଇନ୍ କୁ । ସରକାର ତଥା ଆମର ସମ୍ବିଧାନ ଦେଶବାସୀଙ୍କ ହିତ ପାଇଁ ସମସ୍ତ ଆଇନ୍ ପ୍ରଣୟନ କରିଛନ୍ତି । ଅନେକ କ୍ଷେତ୍ରରେ ଆଇନ୍ ର ଅପବ୍ୟବହାର ହେଉଛି । ସରକାରୀ ସମ୍ପଦର ଅପବ୍ୟବହାର ହେଉଛି । ବୋଧହୁଏ ସମସ୍ତେ ଏ ଉକ୍ତିରେ ଏକମତ ହେବେ ଯେ ପ୍ରତିଦିନ ପ୍ରତ୍ୟେକ ଆବାସିକ ବିଦ୍ୟାଳୟରେ ଏକାଧିକ ଅନ୍ତେବାସି ଛାତ୍ରଛାତ୍ରୀ ଜ୍ୱର, ଝାଡା, କାଶ ଇତ୍ୟାଦି ରୋଗରେ ପିଡିତ ହେଉଛନ୍ତି ।


ଅନେକ ବିଦ୍ୟାଳୟମାନଙ୍କରେ ଚିକିତ୍ସାର କୌଣସି ସୁବିଧା ନାହିଁ । ପ୍ରତି ବିଦ୍ୟାଳୟ ନିକଟରେ ଚିକିତ୍ସାଳୟ ନାହିଁ । ଆମ୍ଭେ 'ଭୟ' ରେ ୧୦୮ ଆମ୍ବୁଲେନ୍ସ ମାଧ୍ୟମରେ ଡାକ୍ତରଖାନା ପଠାଉଛୁ । ଯଦି ପ୍ରତ୍ୟେକ ଆବାସିକ ବିଦ୍ୟାଳୟରେ ଅନ୍ୟୁନ ଜଣେ 'ଫାର୍ମାସିଷ୍ଟ' ର ବ୍ୟବସ୍ଥା ଥାଆନ୍ତା, ଆମ ଛାତ୍ରଛାତ୍ରୀମାନେ ଚିକିତ୍ସାର ସୁବିଧା ପାଇପାରନ୍ତେ । ଆମ୍ଭର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ 'ଭୟ' ଦୂର ହୁଅନ୍ତା ।

ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସରକାର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟମାନଙ୍କରେ ନିଶୁଳ୍କ ଶିକ୍ଷା ବ୍ୟବସ୍ଥା କରିଛନ୍ତି । ମାଗଣାରେ ବହିପତ୍ର, ପୋଷାକ ଓ ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା କରିଛନ୍ତି । ବିଦ୍ୟାଳୟକୁ 'ଦଣ୍ଡମୁକ୍ତ ଅଂଚଳ' ରୂପେ ଘୋଷଣା ମଧ୍ୟ କରାଯାଇଛି । ଆଗରୁ ଯେଉଁ ଛାତ୍ରଛାତ୍ରୀ ଶ୍ରେଣୀରେ ପାଠପଢାରେ ଅବହେଳା କରୁଥିଲେ ବା ଗୃହକାର୍ଯ୍ୟ କରୁ ନ ଥିଲେ ସେମାନଙ୍କୁ ତାଗିଦ କରୁଥିଲେ କିମ୍ବା ଅଳ୍ପ ଶାରୀରିକ ଦଣ୍ଡ ମଧ୍ୟ ଦେଉଥିଲେ । ଏହି ତାଗିଦ୍ ର 'ଭୟ' ରେ କିମ୍ବା ଶାରୀରିକ ଦଣ୍ଡର ଭୟରେ ପିଲାଏ ପାଠ ପଢାରେ ମନୋନିବେଶ କରୁଥିଲେ ଏବଂ ଘରକାମ ମଧ୍ୟ କରି ଆଣୁଥିଲେ ।

'ଦଣ୍ଡମୁକ୍ତ ବିଦ୍ୟାଳୟ' ଘୋଷଣା ହେଲା ପରେ ସମସ୍ତେ ଏହାର ଅସଲ ଉଦ୍ଦେଶ୍ୟ ବୁଝିବା ଦରକାର । ଆମ୍ଭେ ପାଠ ପ୍ରସ୍ତୁତ ନ କଲେ କି ମନଦେଇ ପାଠ ନ ପଢିଲେ ଆମର ହିଁ କ୍ଷତି ସ୍ନେହ ଆଦରରେ ସଭିଏଁ ଆପଣାର ହୁଅନ୍ତି । ଦଣ୍ଡଦେଇ ମଣିଷ ତିଆରି ହୁଅନ୍ତିନି କିନ୍ତୁ ଆଦରରେ ଉତ୍ତମ ନାଗରିକ କରିହେବ । 'ଭୟ' ରହୁ ତାହା ଶ୍ରଦ୍ଧା, ସଂସ୍କାର, ସମ୍ମାନ ଗୁଣରେ ।

**ଅଗସ୍ତି ସାହୁ**, ପଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଅଧମୁଣ୍ଡା, କଳାହାଣ୍ଡି

## ମୋ ବିଦ୍ୟାଳୟ



ବିଭୁତି ନାଏକ, ଶ୍ରେଣୀ-୮ମ, ଅସନପାଟ ଆଶ୍ରମ ବିଦ୍ୟାଳୟ, କେନ୍ଦୁଝର

# ମା

ମା ବୋଲି ତାକୁ ଡାକିଦେଲେ ଥରେ
ଜୀବନର ସବୁ ଦୁଃଖ ସରେ ।
ରାଗ ରକ୍ଷା ସିଏ ଦିଏ ଭୁଲେଇ
ସେନେହେ ଯେବେ ନିଏ କୋଳେଇ ।
ଦୁଃଖେ ଥିଲେ ଆଉଁସେ ମୁଣ୍ଡକୁ ମୋର
ସେନେହେ ରହେ ସେ ସବୁରି ସାଥେ ।
ଆଖିରେ ମୋ ଲୁହ ଜାଣଇ ଯେବେ
ବୁଝାଇ କହେ ସେ ନ ମାରି କେବେ ।
ସେ ଥିଲେ ପାଖେ କିଛି ହୁଏନି
ଦୂରେଇ ଯାଏ ସବୁ ବ୍ୟଥା,
ମୋ ମୁଣ୍ଡ ଆଉଁଷି ସିନିହ କରେ
କହେ କେତେ ମିଠା କଥା ।
ପିଲାର ଅଳି ଅଝଟ ସିଏ
ସବୁକିଛି ଯାଏ ସହି,
ତାକୁ ଦିନେ ଭଲ ମଣିଷ କରେ
ମିଠା ମିଠା କଥା କହି ।
ମା' ର ଏମିତି ଅତୁଟ ସିନିହ
ରହିଥାଉ ସଦା ସାଥେ,
ମୋ ଜୀବନକୁ ସେ ସୁଧାରୁ ଥାଉ
ଚାଲୁଥିବି ଧରି ହାତେ ।

**ବର୍ଷାରାଣୀ ନାଏକ**, ଶ୍ରେଣୀ - ଦଶମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୁଆକାଟି



# ସଫଳତାର୍ ଦୁଇ୍ ପାଦ

ଚାଲିବା ପାଇଁ ଆମେ ଯେମିତି ଦୁଇଟି ପାଦକୁ ଭରସା କରିଥାଉ ଠିକ୍ ସେମିତି ଲକ୍ଷ୍ୟ ସ୍ଥଳରେ ପହଂଚିବାକୁ ଦୁଇଟି ପାଦ ମଧ୍ୟ ଲୋଡା ସେ ପାଦ ଦୁଇଟି ହେଲେ ଆତ୍ମବିଶ୍ୱାସ ଏବଂ କର୍ତ୍ତବ୍ୟ ନିଷ୍ଠା । ଧୈର୍ଯ୍ୟ, ଦୃଢ ମନୋବଳ ଇତ୍ୟାଦି ଏହାର ସହଯୋଗୀ ଅଙ୍ଗ । ଏହି ଦୁଇପାଦ ଠିକ୍ ଥିଲେ ଲକ୍ଷ୍ୟ ହାସଲ କରିବା ଦିଗରେ ପରିବେଶ, ପ୍ରକୃତି ଏବଂ ପରମାତ୍ମା ମଧ୍ୟ ସହଯୋଗର ହାତ ବଢାଇ ଥାଆନ୍ତି ।

ଠିକ୍ ସେହିପରି ଛୋଟ ପିଲା ଯେମିତି ନିଜର କ୍ଷତି ହେଲେ ମଧ୍ୟ ଚାଲିବାର ଅଭ୍ୟାସ ଛାଡେନାହିଁ । ଠିକ୍ ତୁମେମାନେ ବି ତୁମ ଲକ୍ଷ୍ୟ ସ୍ଥଳରେ ପହଂଚିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଆଗକୁ ଯାଅ । ମଣିଷ ଜୀବନରେ ସୁଖ, ଦୁଃଖ ସବୁବେଳେ ଲାଗି ରହିଥାଏ । ସୁଖ ପାଇବାକୁ ହେଲେ ତୁମକୁ ଠିକ୍ ରାସ୍ତା ବାଛିବାକୁ ହେବ ଏବଂ ବହୁତ କଠିନ ପରିଶ୍ରମ କରିବାକୁ ହେବ ଏବଂ ଭୁଲ ରାସ୍ତାରେ ଅତି ସହଜ ସାଙ୍ଗମାନଙ୍କ ସହିତ ମିଶି ମଉଜ, ମସ୍ତି କରି ସମୟକୁ ନଷ୍ଟ କରନ୍ତି । ମଉଜ କରିବା ପଛରେ ନ ପଡି ପରିଶ୍ରମ କର, ଦେଖିବ ଆଗକୁ ସୁଖ ମିଳିବ । ନିଜର କର୍ତ୍ତବ୍ୟ ନିଜେ କର ଅନ୍ୟ ଉପରେ ନିର୍ଭର କର ନାହିଁ । ତୁମ ମନରେ ଦୃଢ ବିଶ୍ୱାସ ରଖି ଆଗକୁ ଯାଅ । ତୁମ ଜୀବନରେ ନୂଆ କିଛି ସୃଷ୍ଟି କରିବାକୁ ଚେଷ୍ଟା କର ଏବଂ ସଫଳ ମଧ୍ୟ ହେବ । ତୁମେ ଇଛା ପୂରଣ କର ଏବଂ ସମସ୍ତଙ୍କୁ ଠିକ୍ ରାସ୍ତାକୁ ଆଣିବାକୁ ଚେଷ୍ଟା କର ।

ଦେବେନ୍ଦ୍ର ପାତ୍ର, ଶ୍ରେଣୀ – ଏକାଦଶ (ବିଜ୍ଞାନ)
ସରକାରୀ ଉଚ୍ଚ ବିଦ୍ୟାଳୟ ଲାଞ୍ଜିଗଡ



# ସମୟ ହିଁ ଈଶ୍ୱର

ସମୟର ଗତି ଅପ୍ରତିହତ । ସମୟ ଓ ଜୁଆର କାହାରିକୁ ଅପେକ୍ଷା କରେ ନାହିଁ । ଏହି ସଂସାରରେ ସମୟକୁ ଯିଏ ଠିକ୍ ଭାବରେ ବିନିଯୋଗ କରିପାରେ ସେ ହିଁ ପ୍ରକୃତ ସଫଳତା ପାଏ । ତେଣୁ ପ୍ରତି ମଣିଷ ପାଇଁ ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ ।

ଆଗକୁ ଯିବାକୁ ହେଲେ ମନ ଲଗାଇ ପାଠ ପଢିବାକୁ ହେବ । ସମୟକୁ ମଧ୍ୟ ଠିକ୍ ଭାବରେ ବିନିଯୋଗ କରିବାକୁ ହେବ । ଅର୍ଥ ଜୀବନର ସଫଳତା ପ୍ରାପ୍ତି ହେବ । ପ୍ରକୃତରେ 'ସମୟ' ହିଁ ଈଶ୍ୱର । ସମୟର ପୂଜା ହିଁ ଈଶ୍ୱରଙ୍କ ପୂଜା । ସମୟାନୁବର୍ତ୍ତୀ ନ ହୋଇ ଜଣେ ଆଳସ୍ୟର ଶୀକାର ହେଲେ ଜୀବନର ସବୁ ଲକ୍ଷ୍ୟ ଧୂଳିସାତ ହୋଇଯାଏ । ବହୁ ବିଶିଷ୍ଟ ବ୍ୟକ୍ତି ଆଳସ୍ୟ ପରାୟଣ ହୋଇ ଜୀବନରେ ଯାହା କରିବା କଥା ତାହା କରିପାରି ନାହାନ୍ତି ।

ସମୟର ସତ୍ ଉପଯୋଗ ଅର୍ଥ ଜୀବନର ସତ୍ ଉପଯୋଗ । ଛାତ୍ର ଜୀବନରେ ସମୟାନୁବର୍ତ୍ତିତା ଏକାନ୍ତ ଉପଯୋଗୀ । ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ, ନିତ୍ୟ କର୍ମ ସଂପାଦନ ଓ ଅଧ୍ୟୟନ ଛାତ୍ରର ପରମ କର୍ତ୍ତବ୍ୟ । ଯେଉଁ ଛାତ୍ର ସମୟାନୁବର୍ତ୍ତୀତା ଓ ଶୃଙ୍ଖଳିତ ସେ ପରୀକ୍ଷାରେ କୃତକାର୍ଯ୍ୟ ହେବା ନିଷ୍ଚିତ ଓ ତାହାର ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ । ସମୟାନୁବର୍ତ୍ତିତା ମନୁଷ୍ୟର ଏକ ଶ୍ରେଷ୍ଠ ଗୁଣ । ଛାତ୍ର – ଛାତ୍ରୀମାନେ ବାଲ୍ୟ କାଳରୁ ଏହାକୁ ଅଭ୍ୟାସ କରିବା ଆବଶ୍ୟକ ।

**ପ୍ରିୟଦର୍ଶନୀ ପାତ୍ର**, ଶେଣୀ – ଏକାଦଶ (ବିଜ୍ଞାନ)
ସରକାରୀ ଉଚ୍ଚ ବିଦ୍ୟାଳୟ ଲାଞ୍ଜିଗଡ

# ମାତାପିତା

ମାତାପିତା ହେଉଛନ୍ତି ଈଶ୍ୱରଙ୍କ ବରଦାନ ସ୍ୱରୂପ ଅଟନ୍ତି । ମାତାପିତା ସମାନ କେହି ହୋଇପାରିବେ ନାହିଁ । ମାତାପିତା ଗୋଟିଏ ଏମିତି ଅମୂଲ୍ୟ ରତ୍ନ ଯାହାକି କଳ୍ପନା କରିହେବ ନାହିଁ ।

ଦୁନିଆରେ ମାତାପିତାଙ୍କ ଠାରୁ କେହି ବଡ ନାହିଁ । ମାତାପିତା ଛୋଟରୁ ବଡ କରିଥାଆନ୍ତି । ଆଉ ଛୋଟରୁ ବଡ ହେବା ପର୍ଯନ୍ତ ସେହି ଛୋଟ ଛୁଆର ଯତ୍ନ ନେଇଥାନ୍ତି । ମାତାପିତା ଆମ୍ଭଙ୍କୁ ଚାଲିବା ଶିଖାଇଥାନ୍ତି, ହସିବା ଶିଖାଇଥାନ୍ତି । ମାତାପିତାଙ୍କ ଋଣ ଏହି ଜନ୍ମରେ କ'ଣ ଶହେ ଜନ୍ମରେ ମଧ୍ୟ ସୁଝିହେବ ନାହିଁ । ମାତାପିତାଙ୍କ ଭଲପାଇବା ଆକାଶଠୁ ବିଶାଳ ଓ ସମୁଦ୍ରଠୁ ଗଭୀର । ଆମେ ଛୋଟବେଳୁ ବଡ ହେବା ପର୍ଯ୍ୟନ୍ତ ଯାହା ଚାହିଁଥାଉ ସେ ସବୁ ପୂରଣ କରିଥାନ୍ତି । ମାତାପିତା ସବୁବେଳେ ନିଜ ଛୁଆଙ୍କର ଭଲ ଚିନ୍ତା କରନ୍ତି ଆଉ ଖରାପ ବାଟକୁ ନ ଯିବା ପାଇଁ କହିଥାଆନ୍ତି ।

ଆଉ ଯେତେବେଳେ ସେହି ଛୁଆ ଛୋଟରୁ ବଡ ହୋଇ ଯାଆନ୍ତି ସେତେବେଳେ ବାପାମାଙ୍କ ସବୁ ସ୍ନେହ ଓ ଭଲ ପାଇବାକୁ ଭୁଲି ଯାଇଥାନ୍ତି । ସେମାନେ ଭୁଲି ଯାଆନ୍ତି ତାଙ୍କ ବଡ ହେବା ପଛରେ ମାତାପିତା ଅଛନ୍ତି । କିଛି ଲୋକ ଏମିତି ଅଛନ୍ତି ସେମାନଙ୍କ ମାତାପିତା ଅଛନ୍ତି କିନ୍ତୁ ସେମାନେ ମାତାପିତାଙ୍କ ମୂଲ୍ୟ ବୁଝି ପାରନ୍ତି ନାହିଁ ।

ଆଉ ଯାହା ପାଖରେ ମାତାପିତା ନାହାନ୍ତି ସେମାନେ ମାତାପିତାଙ୍କ ଟିକିଏ ସ୍ନେହ ମମତା ପାଇଁ ଛଟପଟ ହୁଅନ୍ତି । ତଥାପି ସେହି ଟିକିଏ ସ୍ନେହ ମମତା ମିଳି ନ ଥାଏ ଆଉ ସେତେବେଳେ ସେ ମଣିଷ ନିରାଶ ହୋଇଥାଏ । ସେଥିପାଇଁ କହିଛି ଯଦି ଜୀବନରେ କାହାକୁ ଭଲ ପାଇବା ପାଇଁ ଚାହୁଁଛ ତା' ହେଲେ ମାତାପିତାଙ୍କୁ ଭଲ ପାଅ ତାଙ୍କର ଆଦର କର, ସମ୍ମାନ କର, ଯତ୍ନ ନିଅ ।

ମାତାପିତା ଯେତେଦିନ ପର୍ଯ୍ୟନ୍ତ ତୁମ ପାଖରେ ଅଛନ୍ତି ସେତେ ଦିନ ପର୍ଯ୍ୟନ୍ତ ତାଙ୍କରି ସେବା କର ।



**କୁମାରୀ ରଶ୍ମିତା ଶବର, ଶ୍ରେଣୀ - ୧୦ ମ**
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦୁଲ୍‌କିବନ୍ଧ

# ମଣିଷ ଗୋଟିଏ ଜାତି

କାହିଁକି ମଣିଷ ଭୁଲି ଯାଉଅଛି
ମାଟିରେ ଗଢା ଏ ଦେହ ।
ଆକାଶ ରୂପକ ଏକ ଛାତ ତଳେ
ସଭିଙ୍କର ବାସଗୃହ ॥

ଏକଇ ଧରଣୀ ସଭିଙ୍କ ଜନନୀ
ସଂଚରେ ସବୁଠି ପ୍ରାଣ ।
ସୂର୍ଯ୍ୟ ଆଉ ଚନ୍ଦ୍ର ବିଭେଦ ନକରି
କରନ୍ତି ଆଲୋକ ଦାନ ॥

ସୁମନ ସୁବାସ ବିତରେ ଉଲ୍ଲାସେ
ମନରେ ନରଖି ମାୟା ।
ପର ଆପଣାର ଭେଦଭାବ ଭୁଲି
ବୃକ୍ଷ ଅଜାଡଇ ଛାୟା ॥

ନଈ ଦିଏ ନୀର ନକରି ବିଚାର
କିଏ ବଡ କିଏ ସାନ ।
ମଧୁ ଯେ ମଧୁର ସଭିଙ୍କ ସକାଶେ
ଯାହା ହେଉ ଜାତି ଧର୍ମ ॥

ନାହିଁ ଭେଦଭାବ ଏକ ଆମେ ସର୍ବ
ସୁଚାଇ ଦିଏ ପ୍ରକୃତି ।
ଦେଶ ବେଶ ଭାଷା ଅଲଗା ହେଲେବି
ମଣିଷ ଗୋଟିଏ ଜାତି ॥

**ଫୁଲମଣୀ ମାଝି**, ଶ୍ରେଣୀ - ଦଶମ
ସରକାରୀ ଉଚ୍ଚ ବିଦ୍ୟାଳୟ, କାଦକନ୍ଦା, ବାଂଶପାଳ,
କେନ୍ଦୁଝର

# ମୋ ଗାଁଟି

ଚାରିଆଡେ  ଘେରା ବଣ ପାହାଡ,
ମଝିରେ ମୋ ଗାଁ ଲୁବେନଗଡ
ଝାଟି ମାଟିରେ ଆମରି ଘର,
ମାଟି ଲେପି କରିଥାଉ ସୁନ୍ଦର ॥ ୧ ॥

ଗୋଡି, ମାଟି, ବାଲି ଆମରି ପଥ,
ଚାଲି ଚାଲି ଆମେ ରହୁ ଅସୁସ୍ଥ ।
ଦିନ ମାସ ଆଉ ବରଷ ଯାକ,
ମାଣ୍ଡିଆ, ମହୁଲି ଆମରି ପାକ ॥ ୨ ॥

ପୋଡଯାତ୍ରା ଅଟେ ଆମ ପରବ,
ନାଚି ନାଚି ଆମେ ବଜାଉ ଢାପ ।
ସହୀଦ ରେଣ୍ଡୋ ମାଝୀ ଏହି ଗ୍ରାମର,
କନ୍ଧ ଘରରେ ଜନ୍ମ ତାଙ୍କର ॥୩॥

ଇଂରେଜ ସହିତ କଲେ ଲଢେଇ,
ଅମର ହୋଇଲେ ଜୀବନ ଦେଇ ।
ଦେଶ ପାଇଁ ସେ ଯେ ଦେଲେ ଜୀବନ,
ଇତିହାସେ ରହି ଯାଇଛି ନାମ ॥୪॥

ଦେବକି ମଲ୍ଲିକ, ଶେଣୀ – ଦଶମ
ସରକାରୀ ଆଶ୍ରମଉଚ୍ଚ ବିଦ୍ୟାଳୟ, କଳାହାଣ୍ଡି



# ଓଡିଶାର୍ ଗୌରବ ଦ୍ରୌପଦୀ ମୁର୍ମୁ

ଓଡିଆ ମାଟିର ରାଷ୍ଟ୍ରପତି 'ଦ୍ରୌପଦୀ ମୁର୍ମୁ'
 ଟେକି ରଖିଛନ୍ତି ମାନ ସନମାନ
ଛୋଟ ବେଳୁ ଭଲ ପାଠ ପଢି ସିଏ
 ରଖିଛନ୍ତି ଏଜାତିର ନାମ
ଉପର-ବେଡାର ଛୋଟିଆ ଗ୍ରାମରେ
 ହୋଇଛି ତାଙ୍କର ଜନମ,
ଶିକ୍ଷକ ହୋଇ ପାଠ ପଢାଇ
 ହୋଇଥିଲେ ଝାଡଖଣ୍ଡର ରାଜ୍ୟପାଳ
ରାଷ୍ଟ୍ରପତି ହୋଇ ଆସିଥିଲେ ଦିନେ
 ଶ୍ରୀମନ୍ଦିର ଦର୍ଶନ ପାଇଁ

ଓଡିଆ ମାଟିରେ ପଡିଛି ପାଦ
 ଗର୍ବରେ ଫୁଲିଲା ଆମରି ମନ
ମନ ତ ତାଙ୍କରି ଫୁଲପରି କୋମଳ
 କାହାରିକୁ ନାହିଁ ରାଗ ଅଭିମାନ
ତାଙ୍କରି ପରି ପାଠ ପଢିଲେ
 ଦିନେ ହୋଇବ ବଡ ମଣିଷ
ଭାରତ ମାତାର ସନ୍ତାନ ଆମେ
 ରାଷ୍ଟ୍ରପତି ଦିନେ ହୋଇବୁ ଆମେ

**ପୂର୍ଣ୍ଣିମା ପ୍ରଧାନ**, ଶ୍ରେଣୀ - ଅଷ୍ଟମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶୁଆକାଟୀ



# ଅଦୃଶ୍ୟ ଶିଳ୍ପୀ

ହେ ଶିଳ୍ପୀ
କେତେ ଯୁଗର ତୁମର ସାଧନା
କେଉଁଠୁ ଆସିଲା
ତୁମ ମନରେ ଏ ଅଦ୍ଭୁତ ଭାବନା ?
ଜୀବନ୍ତ ବାସ୍ତବ ପ୍ରତିଛବି
ଆଙ୍କିଛ ଏ ଧରା ବକ୍ଷରେ
କରିବାକୁ ନାହିଁ ମୋ ପାଖେ
ଭାଷାର ବର୍ଣ୍ଣନା ।। ୧ ।।

ହେ ଶିଳ୍ପୀ
ତୁମ ତୁଳୀ ନିହାଣ ମୁନର
ଅପରୂପ-ଯାଦୁକରୀ
ଗଛଲତା, ଜୀବଜନ୍ତୁ, ନଈନାଳ
ପାହାଡ, ପରବତ, ହ୍ରଦ ପୋଖରୀ
ଆକାଶରେ ସୂର୍ଯ୍ୟ ଚନ୍ଦ୍ର
ବିଚିତ୍ର ସମାହାର,
ଲାଗୁଛି ଏ'ତ ନନ୍ଦନକାନନ
ଅଟଇ ସ୍ୱର୍ଗର ।।୨।।

ହେ ଶିଳ୍ପୀ
ଅପୂର୍ବ ତୁମର ସୃଷ୍ଟିର ବିଧାନ
ସୁନ୍ଦର ମିଳନ
ଦିନପରେ ରାତିର ହୁଏ ଆଗମନ
ଆଲୋକ ପାଣି ପବନ
ସୃଷ୍ଟି ପାଇଁ ଅମୃତ ସମାନ
ସୁନ୍ଦର ଗହନ ବନ
ସଜାଇ ରଖିଛ କାହାପାଇଁ
ହେ ଅମୃତ ସନ୍ତାନ ।।୩।।


ହେ ଶିଳ୍ପୀ
ତୁମେ ବଡ କାରିଗର
ଆଙ୍କିଛ ଜଗତ
ତୁମ କଳ୍ପନାର ଆଇନାରେ
ରୂପ କାନ୍ତିର ଅପୂର୍ବ ସମାହାରେ
ସ୍ରଷ୍ଟା ତୁମେ ସକଳ ସୃଷ୍ଟିର
ଚିର ନମସ୍ୟ
ତୁମେ, ହେ ଈଶ୍ୱର ।।୪।।

ଦଶରଥ ନାଏକ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କାଞ୍ଜିପାଣି, କେନ୍ଦୁଝର

# ମୁଁ ଚାଷୀ ଟିଏ

ଚାଷୀଟିଏ ମୁଁ ଚାଷୀଟିଏ,
ଖରା ବରଷାକୁ ଡର ନଥାଏ ।
ଲଙ୍ଗଳ ମୁନରେ କରଇ ହଳ,
ଚାଷରେ ଦିଅଇ ସମସ୍ତ ବେଳ ।
ଚାଷୀଟିଏ ମୁଁ ଚାଷୀଟିଏ ॥
ଚାଷରୁ ପୋଷଇ ମୋ ପରିବାର,
ଜୈବିକ ଖତରେ କ୍ଷେତ କରେ ଉର୍ବର,
ଧାନ ପରେ କରେ ପରିବା ଚାଷ,
ସେଥିରୁ ଚାଲେ ତେଲ, ଲୁଣର ସଂସାର
ଚାଷୀଟିଏ ମୁଁ ଚାଷୀଟିଏ ॥
ମୁଣ୍ଡ ଝାଳ ତୁଣ୍ଡରେ ମାରି ହାଡଭଙ୍ଗା ପରିଶ୍ରମ କରେ,
ମାନ ଅପମାନକୁ ଖାତିରି ନ କରି
ସାରା ଜଗତକୁ ଖାଦ୍ୟ ଯୋଗାଇ ଦିଏ (ମୁଁ),
ମାଟି କାଦୁଅରେ କର୍ମ କରିଯାଏ
ମାଟି ମାଆ ମୋର ଆପଣାର,
ଚାଷୀଟିଏ ମୁଁ ଚାଷୀଟିଏ ॥

**ଲିଳାବତୀ ନାଏକ**, ଶ୍ରେଣୀ - ନବମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିଶାଗଡିଆ, କେନ୍ଦୁଝର



# ଆମେରେ ଶାନ୍ତିଦୂତ

ଭାରତ ଭୂଇଁର ପ୍ରଗତି ପଥରେ
ଆମେରେ ଶାନ୍ତିଦୂତ,
ଶିକ୍ଷାର ପ୍ରଦୀପ ଜଳାଇବା ଆମେ,
ଜାତି ପ୍ରୀତି ଆମ ମନ୍ତ୍ର ।
କର୍ମ ଆମର ଅମୃତମୟ
କଳା ସଂସ୍କୃତି ଭରା ଯଶ,
ଜୀବନର ଯାତ୍ରା ତ୍ୟାଗର କାହାଣୀ
ମୈତ୍ରୀର ଇତିହାସ ।
ଶିକ୍ଷାର ବୀଣାରେ ବଜାଇବା ଆମେ
ଦୀକ୍ଷାର ଝଙ୍କାର ତୋଳି,
ସବୁଜିମା ଭରା ବନାନୀ ମାଟିରେ
ଜ୍ଞାନ ଜ୍ୟୋତି ଦେବା ଜାଳି ।
ପାହାଡ ବୁକୁରେ ଗଢିବା ଆମେରେ
ମମତାର କୋଣାରକ ।
ଝରାଇ ଦେବାରେ ପାଠର ସୁରଭି
ଜଳାଇ ଶିକ୍ଷାର ଆଲୋକ ।
ସାଧନାର ମଧୁ ସଂଗୀତ ତୋଳି
ସ୍ୱାର୍ଥକୁ ଦେବା ବଳି,
ଏକତାର ଛନ୍ଦେ ଆଗେଇ ଯିବାରେ
ଅନ୍ୟାୟ ଦେବା ଦଳି ।
ମମତାର ବନ୍ୟା ଖେଳାଇ ଦେବାରେ
କରୁଣାର ଜଳ ଢାଳି,
ମାନବିକତାର ବାସ ଭରି ଦେଇ
ଫୁଟାଇବା ଶିଶୁ କଳି ।
ପୂଣ୍ୟପବିତ୍ର ବିଦ୍ୟାପୀଠରେ
ଗୌରବ ଗୀତି ଗାଇ,
ଦେବ ଶିଶୁ ମୁଖେ ହସ ଭରିଦେବା
ଦୁଃଖର ଝଡ ସହି ।
ଏଇ ଦୁନିଆର ରଙ୍ଗମଞ୍ଚରେ
ଆମେ ସବୁ କଳାକାର,
ନାଟକର ନାମ ଶିକ୍ଷା ଆଲୋକ
ଅମ୍ଳାନ ଜ୍ୟୋତି ତାର ।
ଜୀବନ ଅଧ୍ୟାୟ ଶେଷ ହୋଇଯିବ
ନାଟକର ଶେଷ ନାହିଁ,
ରହିଥିବ ସଦା ଆମ ଅଭିନୟ
ଅଲିଭା ଦୃଶ୍ୟ ହୋଇ ।

**ଶ୍ରୀମତୀ ବିଷ୍ଣୁପ୍ରିୟା ବେହେରା** (ସହକାରୀ ଶିକ୍ଷୟିତ୍ରୀ)
ସରକାରୀ ଉଚ୍ଚ ବିଦ୍ୟାଳୟ ସାହାର ପୁର

# ॥ ମାଆ ॥

ମାଆ କେବଳ ଏକ ଶବ୍ଦ ନୁହେଁ, ସମସ୍ତ ସହନଶୀଳତାରେ ପରିପୂର୍ଣ୍ଣା, ସର୍ବଗୁଣରେ ସମ୍ପୂର୍ଣ୍ଣା ... ସେ ସୁବର୍ଣ୍ଣଗର୍ଭା । ଯେଉଁ ଗର୍ଭର ସ୍ପର୍ଶପାଇ ମୁଁ ଆଜି ସୌଭାଗ୍ୟବତୀ । ସତେ ଯେମିତି ସ୍ନେହ ଓ ମମତାର ପୂର୍ଣ୍ଣାଧିକାରୀ । ବୁଝି ହୁଏନା, ପ୍ରକୃତରେ ସେଇ ଘରର ଚାରିକାନ୍ଥ ଭିତରେ ରହି କେମିତି ସବୁ ସମସ୍ୟାର ସମାଧାନ କରିଦେଉ, କେମିତି ଆପଣାର କରିନେଉ ସବୁରି ବିଚ୍ଛିନ୍ନ ମନୋଭାବକୁ । ସତରେ ମାଆ, ନିଜର ବୋଲି ଭାବି କୌଣସି ଜିନିଷକୁ ତୋ ପାଖରେ ଲୁଚାଇ ରଖିନୁ । ସବୁକିଛି ତ୍ୟାଗ କରି ନିସ୍ୱ ହୃଦୟରେ କେବଳ ସର୍ବଂସହା ପାଲଟି ଯାଇଛୁ । ଦୀର୍ଘ ଦଶମାସ କାଳ ଗର୍ଭର ଯନ୍ତ୍ରଣା ସହି ଶେଷରେ ଅନ୍ତଃଚିରି ଜନ୍ମ ଦେଇଛୁ, ନିଗାଡି ଦେଇଛୁ ତୋ ବକ୍ଷରୁ ଆମପାଇଁ ଅସୀମ ଅମୃତର ରସ । ହେଲେ ମାଆ, ଆମେ କ'ଣ ବୁଝିପାରିଛୁ ତୋର ସେ ଅବଦାନକୁ, ତୋ ଆଖି ଦୁଇଟିରୁ ଝରିଯାଉଥିବା ଲୁହ ଟୋପାକୁ, ଆମ ମଙ୍ଗଳ ପାଇଁ ପ୍ରତି ମୁହୂର୍ତ୍ତରେ ଇଶ୍ୱରଙ୍କ ନିକଟରେ ଜଣାଉଥିବା କୋହଭରା ପ୍ରାର୍ଥନାକୁ ? ନା, ବୁଝିପାରିନୁ । ବରଂ ପ୍ରତିଦାନରେ ତୋତେ ଦେଇଛୁ ଦୁନିଆର ସବୁଠାରୁ ସହଜ ପଦାର୍ଥ । କ'ଣ ଜାଣୁ ? ଲୁହ... ଆଉ ଲୁହ ........!



**ମାମା ମାଝୀ,** ଶ୍ରେଣୀ- ଦଶମ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ମୁରୁସୁଆଁ, କେନ୍ଦୁଝର

# ବୃକ୍ଷ ଓ ମନୁଷ୍ୟ ଭିତରେ ବନ୍ଧୁତା

ଗୋଟିଏ ଗ୍ରାମର ନାମ ରାମପୁର । ସେହି ଗ୍ରାମରେ ଅନେକ ଜାତିର ଲୋକମାନେ ବସବାସ କରନ୍ତି । ଲୋକମାନେ ପରିଶ୍ରମ କରି ନିଜ ପେଟ ପୋଷନ୍ତି । ସେମାନେ ପ୍ରାଚିନ ଯୁଗର କଥାକୁ ବହୁତ ବିଶ୍ୱାସ କରନ୍ତି । ତାଙ୍କ ଗ୍ରାମରେ ଘଞ୍ଚ ଜଙ୍ଗଲ ଟିଏ ଅଛି । ସେହି ଜଙ୍ଗଲରୁ କାଠପତ୍ର ଆଦି ସଂଗ୍ରହ କରି ଅନେକ ଜୀବିକା ନିର୍ବାହ କରନ୍ତି । ଦିନେ କେତେକ ଭଦ୍ରଲୋକ କୋଟ, ଜୋତା ପିନ୍ଧି ଗାଁକୁ ଆସିଲେ । ସେମାନେ ଗାଁ ଲୋକଙ୍କୁ ଏକାଠି କରି କହିଲେ କି ଆମେ ଜଙ୍ଗଲର ଗଛକୁ କାଟି ନେବୁ ଏବଂ ତାହା ବଦଳରେ ଆମେ ତୁମକୁ ଟଙ୍କା ଦେବୁ । ଲୋକମାନେ ଟଙ୍କା ଲୋଭରେ ଗଛ ଗୁଡାକ ବିକ୍ରି କରି ଦେବା ବୋଲି ମନସ୍ଥ କଲେ । ସେହିଦିନ ତାଙ୍କ ଗାଁରେ ମେଳା ହେଉଥାଏ । ସେଠାରେ ନାଚ, ଗୀତ, ନାଟକ ଇତ୍ୟାଦି ହେଉଥାଏ । ତାଙ୍କ ଗାଁର ପିଲାମାନେ ଜଙ୍ଗଲ କାଟିବା କଥା ଶୁଣି ଗୋଟିଏ ନାଟକ କରିବେ ବୋଲି କହିଲେ । ସେହି ନାଟକଟିର ନାମ ଫୁଲ ଓ ମହୁମାଛି । ସେହି ନାଟକଟିରେ ଗୋଟିଏ ପିଲା ଫୁଲ ଗଛ ହେଲା ଓ ଅନ୍ୟ ଗୋଟିଏ ପିଲା ମହୁମାଛି ହେଲା । ଫୁଲ ଗଛଟି ବଗିଚାରେ ଥାଏ । ମହୁମାଛି ପ୍ରତିଦିନ ଆସି ଫୁଲରୁ ମହୁ ସଂଗ୍ରହ କରେ । ଦିନେ ମହୁମାଛିଟି ଦେଖିଲା କିଛି ଲୋକ ଆସି ଫୁଲଟିକୁ ତୋଳି ନେବା ପାଇଁ କଥା ହେଉଛନ୍ତି । ତେଣୁ ମହୁମାଛିଟି ତାର ସବୁ ସାଙ୍ଗଙ୍କୁ ଡାକି କହୁଛି ଦେଖ ନିଷ୍ଠୁର ଲୋକମାନେ କିପରି ଆମ ଜୀବନକୁ କଷ୍ଟ ଦେବାପାଇଁ ଚାହୁଁଛନ୍ତି । ଗୋଟିଏ ମହୁମାଛି କହିଲା ଚାଲ ଆମେ ସମସ୍ତେ ମିଶି ମନା କରିବା ଓ କହିବା ଆମର ଜୀବନ ଏହି ଫୁଲଗଛ । ଫୁଲ ଗଛ ଯଦି ନଥାନ୍ତା । ମହୁମାଛିମାନେ ଭୋକ ଉପାସରେ ଜୀବନ ହରାଇ ଥାନ୍ତୁ । ମହୁମାଛି ମାନେ ଲୋକମାନଙ୍କୁ କହିଲେ ତାଙ୍କ କଥା ସେମାନେ ବୁଝିପାରିଲେ ଏବଂ ଫୁଲ ତୋଳିଲେ ନାହିଁ । ସେତିକିରେ ନାଟକଟି ଶେଷ ହୋଇଗଲା । ତା ପରେ ଲୋକମାନେ ନିଜ ନିଜ ଘରକୁ ପଳାଇଲେ । ତାଙ୍କ ଗାଁର ବୁଢାଟିଏ ସକାଳୁ ଉଠି ଭାବିଲା କି ଏହି ନାଟକରେ ଆମେ ମାନେ ହେଲେ ମହୁମାଛି ଓ ଫୁଲଗଛ ହେଲା ଜଙ୍ଗଲ । ଜଙ୍ଗଲ ବିନା ଆମେ ବଞ୍ଚିପାରିବା ନାହିଁ । ବୁଢାଟି ଜଙ୍ଗଲର ଉପକାରିତା ଗାଁ ଲୋକ ମାନଙ୍କୁ କହିଲା । ତା ପରେ ସବୁ ଲୋକ ମିଶି ଭଦ୍ର ବ୍ୟକ୍ତିମାନଙ୍କ ପାଖକୁ ଯାଇ ଗଛ କାଟିବାକୁ ମନା କରିଦେଲେ ଏବଂ ତାଙ୍କ ଗାଁର ଲୋକ ମାନଙ୍କୁ ଗଛ ଲଗାଇବାକୁ କହିଲେ । ତା ପରେ ତାଙ୍କ ଗାଁର ଲୋକମାନେ ଖୁସିରେ ରହିଲେ ।



**ଦୀପ୍ତିମୟୀ ନାଏକ**, ଶ୍ରେଣୀ - ନବମ

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନିଶାଗଡିଆ, କେନ୍ଦୁଝର

# ଉଚିତ୍ ଅନୁଚିତ୍

ଦେଖାଯାଉଛି ଆମର ଅନେକ ସମୟ ଈର୍ଷା, ମିଥ୍ୟା ଓ କପଟରେ ହିଁ  ବିତିଯାଉଛି । ଏହା କାହିଁକି ହୁଏ, ଚିନ୍ତା କଲେ ସଭିଏଁ ବୁଝିପାରିବା ଯେ, ଅନ୍ୟ ପ୍ରତି ଆମେ ପ୍ରାୟତଃ ନଜର ରଖୁଛେଁ । ତାହାର ଦୋଷ ଦେଖୁଛେଁ । ଏହା ଦ୍ୱାରା ଆମ ଭିତରେ ସଂଘର୍ଷ ଓ କଳହ ହେଉଛି । ଆମ ଭିତରେ ନିନ୍ଦା ଦ୍ୱାରା ପ୍ରେମ ହ୍ରାସ ପାଉଛି । ଈର୍ଷା ଦ୍ୱାରା ଅଶାନ୍ତି ସୃଷ୍ଟି ହେଉଛି ।

ତେଣୁ, ଏ ସମସ୍ତଠାରୁ ଆମେ ନିଜକୁ ଦୂରେଇ ରଖିବା ଦରକାର । ଅନ୍ୟର ଦୋଷ ଦେଖନାହିଁ । ଜାଣିରଖ; ପ୍ରକୃତିର ନିୟମ ଏଇଆ ଯେ, ଅନ୍ୟ ସହ କପଟତା କଲେ  ନିଜେ ହିଁ ପୀଡା ପାଇବ । ମିଛ ସତ କହି ଅନ୍ୟକୁ ଭୁଲାଇ ରଖିଲେ ନିଜେ ହିଁ କାନ୍ଦିବା । ଆମେ କିନ୍ତୁ କରୁଛୁ କ'ଣ ? ସ୍ୱାର୍ଥପର ହୋଇ ବଞ୍ଚିରହୁ । ନିଜ ପୁଅଝିଅର ପକ୍ଷ୍ୟ ନେଉ । ଅନ୍ୟର ପୁଅଝିଅକୁ ନାଲି ଆଖି ଦେଖାଉ । ଏହା ଦ୍ୱାରା ଆମକୁ ମିଳେ ବା କ'ଣ ? ନିଜର ଘର ଭିତରେ ହି ସଂଘର୍ଷର ସାମନା କରୁ । ଗୋଟିଏ ଗପରୁ ଏହା ବୁଝି ପାରିବା ଦୁଇ ଭାଇ ଥିଲେ । ବଡଭାଇ ସୁଖି ହେବା ପାଇଁ ଚତୁରତାର ଆଶ୍ରୟ ନେଇ କପଟତାର ରାସ୍ତା ଧରୁଥିଲା । ସାନଭାଇ କିନ୍ତୁ ଶାନ୍ତ ଓ ନିରୀହ ଥାଏ । ଦିନେ ବଡ ଭାଇ ଦୁଇ ହାତରେ ଦୁଇଟି ଆମ୍ବ ଧରି ଆସିଲେ । ଗୋଟିଏ ହାତରେ ତାଙ୍କର ବଡ ଆମ୍ବ ଓ ଆର ହାତରେ ଛୋଟ ଆମ୍ବଟି ଥାଏ । ଦୁଇ ଭାଇଙ୍କର ପୁତ୍ର ବାହାରେ ଖେଳୁଥିଲେ । ତେଣୁ ସେ ସେମାନଙ୍କୁ ପାଖକୁ ଡାକି ଆମ୍ବ ନେବାକୁ କହିଲେ । ହେଲେ କଲେ କ'ଣ ? ଯେଉଁ ହାତରେ ବଡ ଆମ୍ବ ଥିଲା ।, ସେଇ ପାର୍ଶ୍ୱରେ ଛୋଟ ଭାଇର ପୁଅକୁ ଦେଖି କପଟ କଲେ । କହିଲେ, 'ଆଖି ବନ୍ଦ କର । ମୁଁ ଏବେ ଯାଦୁ ଦେଖାଇବି !  ପିଲା ଦୁହେଁ ଯେମିତି ଆଖି ବନ୍ଦ କଲେ, ସେ ଆମ୍ବକୁ ବଦଳାଇ ଦେଲେ ଏବଂ ଆଖି ଖୋଲିବାକୁ ଆଦେଶ ଦେଇ ଆମ୍ବଗୁଡିକୁ ଦୁହିଁଙ୍କୁ ଦେଇଦେଲେ ।'

ଏସବୁ କିନ୍ତୁ ଛୋଟ ଭାଇ ବାହାରେ ଥାଇ ଦେଖିନେଲା । ବଡଭାଇର ଚାଲାକି ବୁଝିପାରିଲା । ଏବଂ ପାଖକୁ ଆସି ହଠାତ୍ କହି ବସିଲା – 'ଭାଇ, ଆମେ ଏଥର ଅଲଗା ହୋଇଯିବାଟା ଭଲ ।' ବଡ ଭାଇର ପ୍ରଶ୍ନସୂଚକ ମୁହଁ ଦେଖି ବୁଝାଇଦେଲା; ମୁଁ ଯେତେବେଳେ ବଞ୍ଚି ଥାଉ ଥାଉ ତୁମେ ଯେତେବେଳେ ନିଜ ପୁତ୍ରକୁ ବଡ ଆମ୍ବ ଦେବାର ଏ ଯେଉଁ ଯାଦୁ ଦେଖାଇଲ ମୋ ମୃତ୍ୟୁ ପରେ ମୋ

ନିଜ ପୁଅର ଅବସ୍ଥା କ'ଣ ହେବ ତା' ଭାବିନେଲେ ହିଁ ମୋତେ ଅସହାୟ ଲାଗୁଛି । ଏଣୁ, ଅଲଗା ହୋଇଗଲେ ତୁମେ ଦୋଷୀ ତ ହୋଇ ପାରିବନି !' ତା ବଡଭାଇ ନିଜର ଦୋଷ ଧରାପଡିଯିବା ଦେଖି ଲଜ୍ଜିତ ହେଲେ । ଅନ୍ୟ ପ୍ରତି ପାତରଅନ୍ତର କରିବା ନାହିଁ, ବରଂ ନ୍ୟାୟ ଓ ଉଦାରତା ପ୍ରକାଶ କରିବା ।

**ଶ୍ରୀମତୀ ଇନ୍ଦିରା ମହାନ୍ତି (ପ୍ରଧାନ ଶିକ୍ଷୟିତ୍ରୀ)**
ସରକାରୀ (ଏସ୍. ଏସ୍. ଡି.) ଉଚ୍ଚ ବିଦ୍ୟାଳୟ, ସାହାରପୁର

## ହସ କଥା



ଆମ ଗାଁରେ କାଲି
ଦୁଇଜଣ ସ୍ତ୍ରୀ ଲୋକ କଥା ହେଉଥିଲେ
ଜଣେ କହିଲା:-
ଆଲୋ ଜାଣିଛୁ;
କାଲି ସଂଧ୍ୟା ସମୟରେ ଆମ ଗାଁର
ସରପଞ୍ଚ କୋମା କୁ ଚାଲିଗଲେ ।।
**ଅନ୍ୟ ଜଣକ:-**
ହଁ ଲୋ,
ସେମାନଙ୍କ କଥା ପାଇଁ କାହିଁକି କହୁଛୁ
ସେମାନେ ହେଲେ ପଇସା ବାଲା ଲୋକ
ଯେତେବେଳେ ଯୁଆଡେ ଇଚ୍ଛାହେବ
ସିଆଡେ ଯିବେ

**ସୁନିତା ମାଝି**
ସରକାରୀ (ଏସ୍. ଏସ୍. ଡି.) ବାଳିକା ଉଚ୍ଚ ବିଦ୍ୟାଳୟ, ମୁରୁସୁଆଂ, କେନ୍ଦୁଝର

# ସିଂହ ରାଜା ବୁଦ୍ଧି ଶିଖିଲା

ଗୋଟିଏ ଜଙ୍ଗଲରେ ବାଘ, ଭାଲୁ, ସିଂହ ଏମିତି ବହୁ ପଶୁ, ପକ୍ଷୀମାନେ ବାସ କରୁଥିଲେ । ତାଙ୍କ ମଧ୍ୟରୁ ସିଂହଟିଏ ରାଜା ଥିଲା । ସେ ଜଙ୍ଗଲରୁ ପଶୁ, ପକ୍ଷୀମାନଙ୍କୁ ମାରି ଖାଇଦେଉଥିଲେ । ସବୁଦିନ ସେ ଏମିତି କରେ । ଦିନେ କାଉ, ହାତୀ, ବେଙ୍ଗ ଗୋଟିଏ ଯୋଜନା ପାଞ୍ଚିଲେ । ହାତୀକୁ କହିଲେ- ତୁ ଗୋଟିଏ ଯାଗାରେ ମରିଲା ଭଳି ଶୋଇ ରହିବୁ ଓ ଶୁଣ୍ଢରେ ଲଙ୍କା ଗୁଣ୍ଡ ଧରିଥିବୁ । କାଉକୁ କହିଲେ ଯେ ତୁ ତା ଆଖିକୁ ଖୁମ୍ପିବୁ ଆଉ ଯେତେ କାଉ ବଳିଲେ ତୁମେ ତା ପାଖରେ ଉଡି ବୁଲିବ । ବେଙ୍ଗମାନଙ୍କୁ କହିଲେ ଯେ ତୁମେ ସବୁ ପଙ୍କ ଗାଡିଆରେ ଥିବ । ଏହି କାମ କରିବାକୁ ସମସ୍ତେ ପ୍ରସ୍ତୁତ ହେଲେ । ପ୍ରଥମେ ହାତି ଅଭିନୟ କରି ଶୋଇ ପଡିଲା । କାଉ ତା ଚାରିପାଖରେ ଉଡି ବୁଲିଲେ ଆଉ ରାବିଲେ ଓ ଗୋଟିଏ କାଉ ତା ଆଖିକୁ ଖୁମ୍ପିଲା । ତା ପରେ ସିଂହ ଭାବିଲା କେଉଁଠି ଗୋଟିଏ ଜୀବ ମରି ପଡିଚି । ମୁଁ ଯାଇକି ତାକୁ ଖାଇବି । ସିଂହ ହାତୀ ପାଖକୁ ଗଲା । ସେତିକି ବେଳେ ହାତୀ ସୁଯୋଗ ପାଇ ସିଂହର ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିଲା । ସିଂହର ଆଖି ବହୁତ ପୋଡିଲା । ସେ ପାଣି ପାଣି କହି ଚିଲ୍ଲେଇଲା । ତା'ପରେ ବେଙ୍ଗମାନେ ସେହି ପଙ୍କ ଗାଡିଆ ପାଖରେ ଥାଇ ଶବ୍ଦ କଲେ । ସିଂହ ଭାବିଲା ବୋଧ ହୁଏ ଏଇ ଦିଗରେ ପୋଖରୀ ଅଛି କହିକି ଦୌଡିଲା ତା ପରେ ସେହି ପଙ୍କ ଗାଡିଆରେ ପଶିଗଲା ଆଉ ଉଠି ପାରିଲା ନାହିଁ । ସେ ଚିଲ୍ଲେଇଲା 'ମୋତେ ବଞ୍ଚାଅ' ଆଉ ସେତିକି ସମୟରେ କାଉ ହାତି ବେଙ୍ଗ ଯାଇ ତା ପାଖରେ ପହଞ୍ଚିଲେ ଆଉ ତାକୁ କହିଲେ ତୁମେ ଯଦି ଏମିତି ସବୁଦିନ ଜୀବଜନ୍ତୁ ମାରିଖାଇବ ତା ହେଲେ ଏହି ଜଙ୍ଗଲରେ କିଏ ରହିବ ? ସେଥିପାଇଁ ଆମେ ଏହିସବୁ କାଣ୍ଡ କଲୁ - ଯଦି ତୁମେ ଆଉ ଏମିତି ଭୁଲ୍ କରିବନି । ତେବେ ଆମେ ତୁମକୁ ବଞ୍ଚେଇବୁ । ସିଂହ କହିଲେ, ହଁ, ମୁଁ ଆଉ ସେମିତି କିଛି କରିବିନି ମୋତେ ବଞ୍ଚେଇ ଦିଅ । ତା ପରେ ହାତୀ ତା ଶୁଣ୍ଢରେ ପାଣି ଆଣି ତା ମୁହଁରେ ପିଚକାରୀ ମାରିଲା । ତା ପରେ ସିଂହ ଅନାଇଲା । ଆଉ ସେଇ ପଙ୍କ ଗାଡିଆରୁ ତାକୁ ଉଠେଇଲେ । ତା ପରଦିନ ଠାରୁ ଜଙ୍ଗଲର ପଶୁପକ୍ଷୀ ମାନେ ଖୁସିରେ ରହିଲେ ।

**ଭଗବତୀ ସୋରେନ୍ (ଅଷ୍ଟମ)**
ରେବଣାପଲାଶପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ



# କମ୍ପ୍ୟୁଟର ତଥା ବିବିଧ

୧. ଇଣ୍ଟରନେଟରେ 'ଚାଟିଙ୍ଗ' ର ଅର୍ଥ କ'ଣ ?

ଉ- ଅନ୍‌ଲାଇନ୍ କଥାବାର୍ତ୍ତା କରିବା ।

୨. ଇଣ୍ଟରନେଟରେ ଅର୍ଥ କ'ଣ ?

ଉ- କମ୍ପ୍ୟୁଟର ମାଧ୍ୟମରେ ଭାବର ଆଦାନ ପ୍ରଦାନ କରିବା ।

୩. ଇଣ୍ଟରନେଟରୁ ଭୋଜନ ସମ୍ପର୍କୀୟ ସୂଚନା କେଉଁ କୋଡରୁ ମିଳିଥାଏ ?

ଉ- ଙ୍ଗଙ୍ଗଙ୍ଗ.ରକ୍ସକ୍ସୟଙ୍ଗରଭ.ମକ୍ସଙ୍କ

୪. 'ନେଟ୍ ମାଷ୍ଟର' କାହାକୁ କୁହାଯାଏ ?

ଉ- ଯେ କମ୍ ସମୟରେ ଅଧିକରୁ ଅଧିକ କାର୍ଯ୍ୟ ହାସଲ କରିଥାଏ ।

୫. 'ମଲଟିମିଡିଆ' କ'ଣ ?

ଉ- କମ୍ପ୍ୟୁଟର ମାଧ୍ୟମରେ ଶବ୍ଦ, ଦୃଶ୍ୟ ଓ ପାଠ ସମ୍ମିଳିତ ରୂପକୁ ମଲଟିମିଡିଆ କୁହାଯାଏ ।

୬. ନିରାମିଷ ଖାଦ୍ୟ ସମ୍ପର୍କରେ କିଏ ଶିକ୍ଷା ଦିଏ ?

ଉ- www.Veg.org

୭. ଭାରତୀୟ ଖାଦ୍ୟ ସଂମ୍ପର୍କରେ ସୂଚନାର କୋଡ କ'ଣ ?

ଉ-www.indiafood.com

୮. ଖାଦ୍ୟପଦାର୍ଥ ସୁରକ୍ଷା ପାଇଁ କେଉଁ କୋଡ ବ୍ୟବହାର କରାଯାଏ ?

ଉ-www.Foodsafety.com

୯. ୱେବ୍‌ସାଇଟ୍ କ'ଣ ?

ଉ- World Wide Web ବ୍ୟକ୍ତି ବା ପ୍ରତିଷ୍ଠାନ ଯେକି ଇଣ୍ଟରନେଟ୍ ତଥ୍ୟ ଜଣାଇଥାନ୍ତି ।

୧୦. ୟୁ.ପି,ଏସ୍.ର ସଂପୂର୍ଣ୍ଣ ଶବ୍ଦାବଳୀ କ'ଣ ?

ଉ-ଅନ୍‌ଇଣ୍ଟରପଟେଡ୍ ପାୱାର ସପ୍ଲାଇ ।




**ସୀମାମଣି ମାଝି, ନବମ - ଶ୍ରେଣୀ**

ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇଡିହା

# ଶିକ୍ଷା, ସମାଜ ଓ ନୈତିକତା

ଜଣେ ବ୍ୟକ୍ତିର ଆଚରଣର ସକାରାତ୍ମକ ପରିବର୍ତ୍ତନକୁ ହିଁ ବାସ୍ତବରେ ଶିକ୍ଷା କୁହାଯାଏ । ପରିବାର ତଥା ସମାଜରୁ ଶିକ୍ଷାର୍ଥୀ ଅନେକ ଅନୌପଚାରିକ ଶିକ୍ଷା ହାସଲ କରିଥାଏ । ଅନ୍ୟ ପକ୍ଷରେ ଶିକ୍ଷାୟତନରୁ ବିଧିବଦ୍ଧଭାବେ ଶିକ୍ଷାଗ୍ରହଣ କରି ଶାରୀରିକ, ସାମାଜିକ, ଆଧ୍ୟାତ୍ମିକ ଓ ବୌଦ୍ଧିକ ଦିଗରେ ଶିକ୍ଷାର୍ଥୀ ନିଜର ଆଚରଣକୁ ପରିବର୍ତ୍ତନ କରେ ।

ଶିଶୁର ପିତା ମାତା ଅଥବା ପରିବାର ସଦସ୍ୟ ସଂସ୍କାର ତଥା ସମାଜରେ ଥିବା ଜନସାଧାରଣଙ୍କ ଭାଷା, କର୍ମ, ବଞ୍ଚିବାର ପ୍ରକ୍ରିୟା ଶିଶୁର ମୂଳଦୁଆ ସ୍ଥାପନ କରିଥାଏ । ଶିଶୁ ଖୁବ୍ ଅନୁକରଣ ପ୍ରିୟ ହୋଇଥିବାରୁ ତା' ପାରିପାର୍ଶ୍ୱିକ ପରିବେଶରୁ ସେ ସମସ୍ତ ଅଭିଜ୍ଞତା ହାସଲକରି ଜୀବନ ନିର୍ବାହ କରେ ।

ସାଂପ୍ରତିକ ଅତ୍ୟାଧୁନିକ ସମାଜରେ ପୂର୍ବପରି ଆଉ ଗୁରୁ ଶିଷ୍ୟର ସୁ-ସମ୍ପର୍କ ପରିଲକ୍ଷିତ ନହେବା ଏକ ନୂତନ ସ୍ୱାଭାବିକତା ରୂପେ ଗ୍ରହଣ କରାଯାଇପାରେ ଗଣମାଧ୍ୟମରୁ ପିଲାଏ ବିଶାଳ ପରିସରରୁ ଧାରଣା ଗ୍ରହଣ କରିବା ସମ୍ଭବ ହେଉଅଛି । ଏ ଦିଗରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅନେକ ପଦକ୍ଷେପ ନେବାକୁ ହେବ ।

ଗଳ୍ପ ଓ ଉପଦେଶ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ନୈତିକତା ତଥା ମୂଲ୍ୟବୋଧ ଭିତ୍ତିକ ମାନବୀୟ ଗୁଣାବଳୀର ସଞ୍ଚାର କରାଇବାକୁ ହେବ । ସର୍ବୋପରି ନିଜର ବ୍ୟକ୍ତିଗତ ତଥା ସାମାଜିକ ଓ ବୃତ୍ତିଗତ ଜୀବନରେ ଯଥାସମ୍ଭବ ଶୃଙ୍ଖଳିତ, ନୈତିକତାପୂର୍ଣ୍ଣ ଜୀବନ ଅତିବାହିତ କରିବା ବାଂଛନୀୟ । ଶିକ୍ଷାଦାନରେ ଶିକ୍ଷକ ତଥା ଶିକ୍ଷାଗ୍ରହଣରେ ଶିକ୍ଷାର୍ଥୀ ନିଜ ପଢା ବହି ତଥା ସହାୟକ ପୁସ୍ତକର ବାହରକୁ ଯାଇ ଯେକୌଣସି ତତ୍ୱ ସମ୍ବନ୍ଧରେ ଗଭୀର ଅନୁଶୀଳନ ତଥା ବିଶ୍ଳେଷଣାତ୍ମକ ଧାରଣା ସ୍ପଷ୍ଟବାରିବା ଆବଶ୍ୟକ ମନେହୁଏ ।

ଯେଉଁ କାର୍ଯ୍ୟଟିକୁ ଯେଉଁ ଭଳି କରିବା ଆବଶ୍ୟକ ଠିକ୍ ସେହିଭଳି କଲେ ତାକୁ ଶୃଙ୍ଖଳା କୁହାଯାଇପାରିବ । ଜଣେ ବିଜ୍ଞାନ ଶିକ୍ଷକ, ବିଜ୍ଞାନ ଶିକ୍ଷାଦାନର ସଠିକ୍ ଢଙ୍ଗକୁ ଅନୁକରଣକଲେ ତଥା ଶିକ୍ଷାର୍ଥୀଙ୍କୁ ଏ ଦିଗରେ କୌଶଳୀ କରିପାରିଲେ ଶିକ୍ଷାଦାନ, ଶିକ୍ଷାଗ୍ରହଣର ସାର୍ଥକତା ରହିବା ସମ୍ଭବପର ହେବ ।

ସଫଳତାର ସଂଜ୍ଞା ପ୍ରତ୍ୟେକ ବ୍ୟକ୍ତି ପାଇଁ, ପ୍ରତ୍ୟେକ ପରିସ୍ଥିତିରେ ସମାନ ହୋଇନପାରେ। ଶିଶୁଟିଏ ପଡି ଉଠି ନିଜେ ଦିନେ ଠିଆହୋଇପାରିବା ତା ପାଇଁ ଖୁବ୍ ବଡ ସଫଳତା। କିନ୍ତୁ ଦୌଡ ପ୍ରତିଯୋଗୀ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ହେବା ତା ପାଇଁ ସଫଳତା ଅଟେ। ସୁତରାଂ ଯେ କୌଣସି ବିଷୟରେ ସ୍ଥିରୀକୃତ ଦକ୍ଷତାର ସର୍ବାଧିକ ଅଂଶ, ଶ୍ରେଣୀର ସର୍ବାଧିକ ଶିକ୍ଷାର୍ଥୀ କୃତିତ୍ୱର ସହ ହାସଲ କଲେ ଯାଇ ଶିକ୍ଷାଦାନ-ଶିକ୍ଷାଗ୍ରହଣ ବାସ୍ତବ ହୋଇପାରିଛି ବୋଲି ମନେ କରାଯାଇ ପାରିବ।

ଜଣେ ଶିଶୁ ଶିକ୍ଷାୟତନରୁ ହାସଲ କରିଥିବା ଜ୍ଞାନ, ନୂତନ ଅଭିଜ୍ଞତା ତ'ର ପରବର୍ତ୍ତୀ ଜୀବନରେ ଏକ ଗୁଣାତ୍ମକ, ସଫଳ, ନିରାପଦ ଜୀବନ ଜୀଇଁବାରେ ସଫଳ ରୂପେ ସହାୟକ ହେଲେ ହିଁ ପୂର୍ଣ୍ଣାଙ୍ଗ ବା ବାସ୍ତବ ଶିକ୍ଷା ସମ୍ଭବ ହେଲା ବୋଲି ଅଭିହିତ କରିପାରିବା।

ଅଜ୍ଞାନତାର ଅନ୍ଧକାରକୁ ଜ୍ଞାନରୂପୀ ଆଲୋକ ଦିଗକୁ ହାତଧରି ନେଇଯାଉଥିବା ତଥା ସମାଜର ପରିବର୍ତ୍ତନର ବାହକ ହେଉଛନ୍ତି ବାସ୍ତବ ଗୁରୁଗଣ। ଦୀପଟିକୁ ଜଳାଇ ରଖିବାକୁ ହେଲେ ତହିଁରେ ଘିଅ ଭରିରଖିବାକୁ ହୁଏ; ଠିକ୍ ସେହିପରି ପରିବର୍ତ୍ତନଶୀଳ ସମାଜରେ ଶିକ୍ଷକ ପ୍ରତ୍ୟହ ନୂତନ ଜ୍ଞାନ ଅନ୍ୱେଷଣ ପାଇଁ ବ୍ରତୀ ହେବା ବିଧେୟ।

ସମାଜ କଳୁଷିତ ଓ ନୈତିକତା ବିହୀନ ବୋଲି ଚିତ୍କାର କଲେ ତାହା ସ୍ୱୟଂ ସୁଧୁରିଯିବ ନାହିଁ। ଶିଶୁ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାପ୍ରଦାନ ଦ୍ୱାରା ମାନବୀୟ ଗୁଣାବଳି ଗୁଡିକର ବିକାଶ କରାଇବା ଆବଶ୍ୟକ। ସେମାନଙ୍କୁ ପାଠପଢି ନମ୍ବର ରଖି କେବଳ ଯନ୍ତ୍ରମଣିଷ ହେବାକୁ ଛାଡିଦେଲେ ତାହା ସମାଜ ବିଧ୍ୱଂସକାରୀ ହେବ। ସେ ବୁଝିବା ଆବଶ୍ୟକ ଯେ, "ମୁଁ ଯାହା ବି କାର୍ଯ୍ୟ କରେ, ତହିଁରେ ଶୃଙ୍ଖଳା ଓ ନୈତିକତା ରହୁ।" ଏଭଳି ଆଚରଣକୁ ପରିପୁଷ୍ଟ କରାଯାଉ ତାହା ସମୟକ୍ରମେ ହୁଏତ ସମାଜରେ ବିପ୍ଳବ ଆଣିପାରିବ।

ମହାନ୍ ବୈଜ୍ଞାନିକ ଡକ୍ଟର ଅବ୍‌ଦୁଲ୍ କାଲାମ୍ ଉଦ୍ଧୃତ କରିଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ଆମେ ନିଦ୍ରାଗ୍ରସ୍ତ ଅବସ୍ଥାରେ ଦେଖୁ; ସ୍ୱପ୍ନ ତାହା ଯାହା ଆମକୁ ଶୋଇବାକୁ ଦିଏ ନାହିଁ।"

ପିଲାମାନଙ୍କୁ ସ୍ୱପ୍ନ ଦେଖାଇବାରେ ତଥା ତାହା ପୂରଣ କରିବାରେ ସଫଳ ହୋଇପାରିବା ଗୁରୁମାନଙ୍କ ପରମ ଧ୍ୟେୟ ହେବା ଆବଶ୍ୟକ।

**ଶ୍ରୀ ଯତୀନ୍ କୁମାର ବାରିକ୍,** ସହକାରୀ ଶିକ୍ଷକ
ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ (ଏସ୍. ଏସ୍. ଡି.), ଗିଳିଦା

# କନ୍ୟାସନ୍ତାନ ଓ ନାରୀ

ମା ପେଟର ଏକ ନିବୁଜ କୋଠରୀ । ବହୁତ ଉଷୁମ ଓ ଆରାମଦାୟକ ଏହାର ପରିବେଶ । ଏହାରି ଭିତରେ ଗୋଟିଏ ଜୀବନ ବଢିଚାଲେ । ତା ମନରେ ଏକ ଇଛାଥାଏ ସେ କେବେ ଏ ସୁନ୍ଦର ପୃଥିବୀ ଟାକୁ ଦେଖିବ ଅନ୍ୟମାନଙ୍କ ପରି ତା ମନରେ ଥାଏ ଅସୁମାରି ଚିନ୍ତାଧାରା ର ପରିକଳ୍ପନା, ଯାହାକୁ ସେ ଚାହିଁ ବସିଥାଏ । ପ୍ରତି ଝିଅଟି ମନରେ ଯେଉଁ ପାଞ୍ଚଟି ଅଭିଳାଷ ଅଛି ।

ଯେପରିକି - ୧ ମ ଅଭିଳାଷ- ମୁଁ ଦେଖନ୍ତିକି କି ସେଇ ସୁନ୍ଦର ଧରିତ୍ରୀ ।

୨ୟ ଅଭିଳାଷ - ମୋତେ ମିଳନ୍ତାକି ଏକ ସୁଖମୟ ଶୈଶବ ।

୩ୟ ଅଭିଳାଷ - ପାଠ ପଢିବା ପାଇଁ ମୋତେ ମିଳନ୍ତାକି ସମାନ ସୁଯୋଗ ।

୪ର୍ଥ ଅଭିଳାଷ - କର୍ମକ୍ଷେତ୍ରେ ମିଳନ୍ତାକି ସମାନ ସୁଯୋଗ ।

୫ମ ଅଭିଳାଷ - ହୁଅନ୍ତାକି ଏ ସମାଜ ଭେଦଭାବ ଶୁନ୍ୟ ।

ଯେବେ ଝିଅଟିଏ ପ୍ରଥମ ଥର ପାଇଁ ଧରାପୃଷ୍ଠରେ ଭୂମିଷ୍ଠ ହୁଏ, ସେତେବେଳେ ଝରଣାର କୁଳୁକୁଳୁ ନାଦ, ପବନର ସାଇଁ ସାଇଁ ଶବ୍ଦ, ପ୍ରତିଟି ଗଛଲତାର ଶିତଳସ୍ପର୍ଶ କେବଳ ଗୋଟିଏ କଥା କହେ ଝିଅ ଅମୂଲମୂଲ । ଏ ସ୍ରଷ୍ଟାର ସୃଷ୍ଟିରେ ଝିଅ ଏକ ଅମୂଲ୍ୟ ସମ୍ପଦ, ଯାହାର କୃପାରୁ ଏ ସଂସାର ତିଷ୍ଠିରହିଛି, ସେହି ନାରୀଠାରୁ ସୃଷ୍ଟିହୋଇ ମଧ୍ୟ ଏ ପୁରୁଷ ସମାଜ ତାକୁ ବୋଝ ବୋଲି କହୁଛି କାହିଁକି ?

ଝାନ୍ସିରାଣୀ ଲକ୍ଷ୍ମୀବାଈ, ମଦର ଟେରେସା, କଳ୍ପନା ଚାୱାଲା, କିରଣବେଦୀ, ଇନ୍ଦିରା ଗାନ୍ଧୀ, ଆମ ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯିଏ କି ଆମର ପ୍ରଥମ ନାଗରିକ ହୋଇପାରିଛି । ଯିଏ କି ଜଣେ ନାରୀ । ଘରକାର୍ଯ୍ୟଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମରିକ, ବିଜ୍ଞାନକ୍ଷେତ୍ରରେ ଆଜି ପୁଅମାନଙ୍କଠାରୁ ଆଗୁଆ । ସେ ଅବଳା ନୁହେଁ କି ଦୁର୍ବଳା ନୁହେଁ, ସେ ପୁଣି କବିତା, ବନିତା ଲତା ନୁହେଁ, ଆଉ ରେବତୀ ମଧ୍ୟ ନୁହେଁ ।

ଗୋଟିଏ ନାରୀର ସତରେ କେତେ ରୂପ, ଜନନୀ, ଭଗିନୀ, ଜାୟା ରୂପରେ ସେ ଜୀବନ ଅତିବାହିତ କରୁଛି । ପୁରୁଷ ସହ ତାଳ ଦେଇ ଆଗକୁ ଚାଲିଛି ସେ ଦେଶମାତୃକାର ଉନ୍ନତି ପଥରେ । କୁହାଯାଏ ଯେ ଏକ ପୁରୁଷର ସଫଳ ହେବା ପଛରେ ଏକ ନାରୀର ହାତ ଥାଏ । ସେହି ନାରୀ

ସାଗରପରି ଶାନ୍ତ ରହି ନବ ସନ୍ତାନର ଲାଳନପାଳନ କରିଥାଏ ତ ପୁଣି କେତେବେଳେ ଦୁଷ୍ଟ ଅତ୍ୟାଚାରୀ ମାନଙ୍କର ବିନାଶ ପାଇଁ ମା ଦୁର୍ଗା, କଳୀଙ୍କର ଅବତାର ନେଇଥାଏ । ତେଣୁ ନାରୀ ପୂଜ୍ୟା ବା ବନ୍ଦନୀୟା ।

ଗୋଟିଏ ନାରୀ ହେବା ସହଜ କଥା ନୁହେଁ । ତାକୁ ଛୋଟବେଳେ ମା, ବାପା, ଭାଇ, ଭଉଣୀର ମନ ନେଇ ଚଳିବାକୁ ପଡିଥାଏ । ବିବାହ ପରେ ପୁଣି ତାକୁ ନିଜ ଘର ଛାଡି ଆସିବାକୁ ପଡିଥାଏ ଏବଂ ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କ ମନନେଇ ଚଳିବାକୁ ପଡିଥାଏ । ପୁଣି ମା ହେବାପରେ ସନ୍ତାନର ମନ ନେଇ ଚଳିଥାଏ ।


ନାରୀ ନୁହେଁ ସେ ତ ନାରାୟଣୀ । ତା ବିନା ଏ ସମାଜ ତିଷ୍ଠି ରହିପାରିବ ନାହିଁ ।

**ପୁଷ୍ପମଞ୍ଜରୀ ମହନ୍ତ**

ଅସନପାତ ଆଶ୍ରମ ବିଦ୍ୟାଳୟ



# ସଂକ୍ରାନ୍ତି ପୁରୁଷ ଫକୀରମୋହନ



ଓଡିଆ ସାହିତ୍ୟ କ୍ଷେତ୍ରରେ ସଂକ୍ରାନ୍ତି ପୁରୁଷ, କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତି ଏକ ଅବିସ୍ମରଣୀୟ ପ୍ରତିଭା । ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ, କବିତା, ଜୀବନି, ଆତ୍ମଜୀବନି, ଭ୍ରମଣ କାହାଣୀ ଇତ୍ୟାଦି ରଚନା କରି ସେ ଓଡିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଏହି ସାସ୍ୱତ ପ୍ରତିଭାଙ୍କୁ ନାନା ଦିଗରୁ ଆଲୋଚନା କରାଯାଇପାରେ ।

ଫକୀରମୋହନ ୧୮୪୩ ମସିହା ଜାନୁୟାରୀ ମାସ ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତି ତିଥିରେ ବାଲେଶ୍ବର ଜିଲ୍ଲାର ମଲ୍ଲିକାଶପୁର ଠାରେ ଜନ୍ମ ହୋଇଥିଲେ । ତାଙ୍କର ଜୀବନ ଅତ୍ୟନ୍ତ ଘଟଣାବହୁଳ ଥିଲା । ବାଲ୍ୟ କାଳରୁ ପିତୃମାତୃହୀନ ଅବସ୍ଥାରେ ଜେଜେମା କୁଚିଳା ଦେଈଙ୍କ ସ୍ନେହ ତାଙ୍କ ଜୀବନ କ୍ଷେତ୍ରକୁ ଆଶା ଭରଷାର ଏକମାତ୍ର ସାହା ଥିଲା । ବଡବାପା ଘରର ସମସ୍ତ ଦାୟିତ୍ୱ ଗ୍ରହଣ କରୁଥିଲେ ହେଁ ଫକୀରମୋହନଙ୍କ ପ୍ରତି ସେ ଅତ୍ୟନ୍ତ ନିଷ୍ଠୁର ଥିଲେ । ଉଚ୍ଚଶିକ୍ଷା ସୁବିଧା ଲାଭ ପାଇଥିଲେ ଓଡିଆ ସାହିତ୍ୟ ବାହାରେ ଅନ୍ୟ ଯେ କୌଣସି କ୍ଷେତ୍ରରେ ଆପଣାକୁ ପୂର୍ଣ୍ଣ ବିକଶିତ କରିପାରିଥାନ୍ତେ । ମାତ୍ର ତାହା ତାଙ୍କପାଇଁ ଦୁଃଭାଗ୍ୟ ଥିଲା । ଗ୍ରାମ ଚାଟଶାଳୀ ଶିକ୍ଷାଲାଭ ସମୟରେ ଫକୀରମୋହନ ଆପଣାର ନିଷ୍ଠୁର ବଡବାପାଙ୍କ ପାଖରୁ ଗଭୀର ଯନ୍ତ୍ରଣା ସହୁଥିଲେ । କୌଣସି ଦିନ ଚାଟଶାଳୀ ଅବଧାନ ଯଦି ପିଲାଟିର ପିଠିରେ ବେତମାଡର କୌଣସି ଚିହ୍ନ ଦେଖୁନଥିଲେ ସେଦିନ ଅବଧାନ ମହାଶୟଙ୍କ ପ୍ରାପ୍ୟ ପାଉଣାକୁ ବନ୍ଦ କରିଦେଉଥିଲେ । ବିଚରା ଅବଧାନ ତେଲଲୁଣର ସଂସାର ଭିତରେ ସମସ୍ତ ନୀତିଗର୍ହିତ କାର୍ଯ୍ୟ କରୁଥିଲେ । ବାଲ୍ୟଶିକ୍ଷାର ଦାରୁଣ ମୂହୁର୍ତ୍ତରୁ ସେ ପାରିହୋଇ ଅନ୍ୟପନ୍ଥା ନପାଇ ବାଲେଶ୍ୱର ବନ୍ଦରରେ ଅଖାଳ ସିଲାଇ କାମରେ ଯୋଗ ଦେଲେ । ଅବସ୍ଥା ଚକ୍ରରେ ସେଥିରୁ ଉଚିତ୍ ପାଉଣା ନ ପାଇବାରୁ ତାହା ପରିତ୍ୟାଗକରି କିଛିଦିନ ଶିକ୍ଷକତା କାର୍ଯ୍ୟ କରିଥିଲେ । ଏହି କାର୍ଯ୍ୟ ତାଙ୍କ ଜୀବନକୁ କୌଣସି ସନ୍ତୋଷ ଆଣିଦେଇ ପାରି ନଥିଲା । ପରନ୍ତୁ ଦେଓ୍ୱାନ କର୍ମକୁ ନିଜର ଜୀବିକା ରୂପେ ଗ୍ରହଣ କରିନେଇଥିଲେ । ଜୀବନର ଦୀର୍ଘ ବର୍ଷ ହିଁ ଦେଓ୍ୱାନ ରୂପେ ସେ ଓଡିଶାର ବିଭିନ୍ନ ପ୍ରାନ୍ତରେ କାମ କରିଥିଲେ ।

ନୀଳଗିରି, କେନ୍ଦୁଝର, ବାଲେଶ୍ୱର, ପାଲଲହଡା, ଢେଙ୍କାନାଳ, ଡମପଡା ଇତ୍ୟାଦି ସ୍ଥାନରେ ତାଙ୍କ ଦେୱାନ ଭାବରେ ଜୀବନ ଅତିବାହିତ ହୋଇଥିଲା । ପ୍ରଶାସନିକ କ୍ଷେତ୍ରରେ ତାଙ୍କର ଚତୁରତା ତାଙ୍କୁ ଅନେକ ସମୟରେ ବିପଦମୁକ୍ତ କରିପାରିଥିଲା ।

ପ୍ରଶାସନିକ ଜୀବନପରି ଆପଣାର ପାରିବାରିକ ଜୀବନରେ ଅନେକ ଝଡ ଝଞ୍ଜାର ସମ୍ମୁଖୀନ ହୋଇଥିଲେ । ଅବଶ୍ୟ ଏ କ୍ଷେତ୍ରରେ ଆପଣାର ଦ୍ୱିତୀୟା ପତ୍ନୀ କୃଷ୍ଣା କୁମାରୀଙ୍କ ଆବିର୍ଭାବ ତାଙ୍କୁ ଅନେକ ପରିମାଣରେ ଆଶ୍ୱସ୍ତି ଦେଇଥିଲେ । ଜୀବନର ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଜୀବନ ଥିଲା ଝଡ ଝଞ୍ଜା ପୂର୍ଣ୍ଣ ।

ଫକୀରମୋହନଙ୍କ ସାହିତ୍ୟିକ ଉତ୍କର୍ଷ ବହୁ ଗୁଣରେ ମହିମାମଣ୍ଡିତ ଥିଲା । ଛ ମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ଭଳି ଚାରିଗୋଟି ଉପନ୍ୟାସ ଏକ ଏକ ଅନନ୍ୟ ସୃଷ୍ଟି । ସେ ସମୁଦାୟ କୋଡିଏ ଗୋଟି ଗଳ୍ପ ଲେଖିଥିଲେ ।  ସେଥିମଧ୍ୟରୁ 'ରେବତୀ' (୧୮୯୧) ଓଡିଆ ସାହିତ୍ୟର ପ୍ରଥମ ଗଳ୍ପଭାବରେ ସ୍ୱୀକୃତି ଲାଭ କରିଅଛି । ତାଙ୍କ ଗଳ୍ପ ଗୁଡିକରେ ଏ ଜାତିର ବଳିଷ୍ଠ ଚିତ୍ର ଉପସ୍ଥାପନା କରିଛନ୍ତି । 'ବୌଦ୍ଧବତାର' ନାମରେ ଏକମାତ୍ର କାବ୍ୟ ରଚନା ଓ ତିନି ଚାରିଗୋଟି କବିତା ସଂକଳନ ମଧ୍ୟରେ ତାଙ୍କ କବି ପ୍ରତିଭାର ପରିଚୟ ମିଳିଅଛି । ଏହାଛଡା ଭ୍ରମଣ କାହାଣୀ ଓ ଆତ୍ମ ଜୀବନୀ କ୍ଷେତ୍ରରେ ତାଙ୍କର ଦୀର୍ଘ ଘଟଣା ବହୁଳ ଜୀବନର ଅନେକ ତଥ୍ୟ ପ୍ରକାଶିତ ହୋଇଛି । ଜଣେ ସତ୍ୟ ନିର୍ଭୀକ ଓ ନିରପେକ୍ଷ ସାରସ୍ୱତ ସାଧକ ରୂପେ ଫକୀର ମୋହନଙ୍କ ସାହିତ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର୍ଯ୍ୟ ।

ସମାଜ ସଂସ୍କାର ଫକୀର ମୋହନଙ୍କ ସାହିତ୍ୟର ପ୍ରମୁଖ ବିଷୟ ଥିଲା । ଗଳ୍ପ ଓ ଉପନ୍ୟାସ ଗୁଡିକରେ ତାଙ୍କର ଏ ଦୀର୍ଘ ଆଭିମୁଖ୍ୟ ପ୍ରକାଶିତ ହୁଏ । ତତ୍କାଳୀନ ଧନି ସମ୍ଭ୍ରାନ୍ତ ଓ ସାହୁକାର ମାନଙ୍କ ଶୋଷଣ, ନାରୀଶିକ୍ଷା ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ମାନସିକ ପୂରଣ ନିମନ୍ତେ ମଠାଦିଶ ମାନଙ୍କ ପାଖରେ ଅଖଣ୍ଡ ବିଶ୍ୱାସ, ଇତ୍ୟାଦି ଅନ୍ଧବିଶ୍ୱାସ ଗୁଡିକୁ ଫକୀରମୋହନ ତାଙ୍କ ସୃଷ୍ଟିରେ ଅତି ଚମତ୍କାର ରୂପରେ ଚିତ୍ରଣ କରିଛନ୍ତି ।


ଫକୀର ମୋହନଙ୍କ ଉପନ୍ୟାସ ଓ ଗଳ୍ପରେ ଅତୀତ ଉତ୍କଳର ଏକ ସୁ ବୃହତ୍ତ ଗୌରବମୟ ପରମ୍ପରା ସଂପର୍କରେ ଦେଖିବାକୁ ପାଉ । ଓଡିଶା ଇତିହାସର ଦୀର୍ଘ ଦୁଇଶହ ବର୍ଷର ପ୍ରତିଛବି ତାଙ୍କ ଉପନ୍ୟସରେ ଲକ୍ଷ୍ୟ କରାଯାଏ । ମରହଟ୍ଟା ବର୍ଗୀମାନଙ୍କର ନୃଂସଂଶ ଅତ୍ୟାଚାର କାହାଣୀ 'ଲଛମା' ଉପନ୍ୟାସ ର କଥାବସ୍ତୁ ।

ସାହିତ୍ୟିକ ଉତ୍କର୍ଷଦୃଷ୍ଟିରୁ ଫକୀରମୋହନଙ୍କ କୃତି ସଂପୂର୍ଣ୍ଣ ରୂପେ ମୌଳିକ ଖାଣ୍ଟି ଓଡିଆ ଭାଷା । କେତେକ ସ୍ଥଳରେ ପର୍ତ୍ତୁଗୀଜ ଓ ଯାବନିକ ଭାଷାକୁ ଛାଡିଦେଲେ ଏ କ୍ଷେତ୍ରରେ ଫକୀରମୋହନଙ୍କ ନିଜସ୍ୱ ଭାଷା ପରିଲକ୍ଷିତ । ଗ୍ରାମୀଣ ସରଳ ପଲ୍ଲୀବାସୀଙ୍କ ଭାଷାରୁ ଆରମ୍ଭ କରି

ଓଡିଶାର ତତ୍କାଳୀନ ସହରୀ ଭାଷାର ପ୍ରୟୋଗ ତାଙ୍କ କୃତିରେ ପରିଲକ୍ଷିତ । ଜୀବନର ବିଭିନ୍ନ ଦୃଷ୍ଟି କୋଣରୁ ଫକୀର ମୋହନଙ୍କ ସାହିତ୍ୟ ଗଭୀର ଆଦର୍ଶ ମାନବବାଦ ଉପରେ ପ୍ରତିଷ୍ଠିତ ପରିଣତିରେ ପାପୀ ହିଁ ଦଣ୍ଡଗ୍ରହଣ କରିଛି । ଅନୁଶୋଚନା କରିଛି । ଫକୀର ମୋହନ ଓଡିଆ ଜାତିର ଚିର ନମସ୍ୟ । ଏଇ ନମସ୍ୟ ପୁରୁଷଙ୍କର ଜୀବନ ଦୀପ ୧୯୧୮ ମସିହା ଜୁନ୍ ମାସ ୧୭ ତାରିଖ ପବିତ୍ର ରଜସଂକ୍ରାନ୍ତି ତିଥିରେ ଲିଭିଯାଇଥିଲା ସେ ହିଁ ପ୍ରକୃତରେ ସଂକ୍ରାନ୍ତି ପୁରୁଷ ।

**ଡକ୍ଟର ଅରବିନ୍ଦ ନାୟକ**
ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ମାଟ୍‌କାମ୍‌ବେଡା

## ମୋ ସ୍ୱପ୍ନର୍ ବିଦ୍ୟାଳୟ



Barsarani Naik, Class-X, Govt. Girls High School, Suakati, Keonjhar

(Govt.f SSD) Girls High School- Haradaput

# A Note on the Health Effects of *Moringa olifera* on adolescent Girls

Iron deficiency or anemia is most common nutritional deficiency disorder in India and particularly remains a formidable health challenge to the tribal girls in Odlsha. Girls in the period of 9-14 year of school age or in early adolescence are prone to develop iron deficiency. This leads to many health- related disturbances which includes depressed immune function in girls; reduced physical work capacity and decrease in the cognitive function. The lifestyle of tribals and non-inclusion of nutritious foods in daily diet contributes to this health crisis.

We at Haradaput SSD High School have a surprise finding in this regard which was not purposive initially but interestingly we were able to establish a cause-effect relationship after analyzing the effects of Moringa leaves in their daily diet of Hostel inmates and to our utter surprise the finding was miraculous.

In 2019-20, there were 188 inmates studying in Class 8 th to 10 th , hence most of the students were in the age group of 9 to 14. The initial HB testing done at the beginning of the academic session and it was recorded that 9 students out of 188 i.e. about 6 percent were severe anemic , 48 percent were moderate, 35 percent were mild and the rest 11 percent were having normal Hb level. This was a matter of concern to the school Hostel Management and with consultation of the health staffs, the weekly and daily consumption of folic acid and iron tablets as per need of the students was undertaken along with their usual diet. In that year, we had to close the session prior the time due to the onset of covid outbreak. But apparently we had carried out the final Hb test on the students and the finding was not very encouraging. The figure stood out at severe Anemic %, Moderate 42%, Mild 42% and 11% were under the normal range. In last academic session, we thought of to include Moringa leaves in their daily diet by mixing it in Dal or by making separate leaves fry dish.

The iron and folic acid tablets were too given as per the schedule. In the initial HB testing at the beginning of the session there were 7% severe anemic, 45% moderate, 37% mild and 11% were under normal range. The final Hb testing was done before the annual examination and we got a surprising result which was as follows; Severe anemic were 3%, moderate 27% Mild 32% and 38% were at Normal Hb level.

Being encouraged by the result, this year too we are continuing the inclusion of Moringa leaves in the daily diet of students and we are hopeful that at the end of the session we could be at a conclusive position in ascertaining positive effect Moringa leaf in the health of adolescent girl students and came with the preparation of this case study in this regard.

## Tabulation:

| Before inclusion of Moringa | After inclusion of Moringa |
|---|---|
| Severe Anemic-7% | Severe Anemic- 3% |
| Moderate Anemic-45% | Moderate Anemic-27% |
| Mild Anemic-37% | Mild Anemic-32% |
| Normal Range-11% | Normal Range-38% |

Prepared by - Usha Gonda, Class 10th
Smt. Mala Behura (TGT PCM)
Smt. Madhusmita Behuria(ANM)
Sri Ajaya Kumar Mishra , (Headmaster)

Ajaya Kumar Mishra
HEADMASTER
06/10/22
HEADMASTER
GOVT. (SSD) GIRLS HIGH SCHOOL
HARADAPUT, DIST-KOR…


# ଆଇନାରେ ସରଗି ଫୁଲ

























Welcome to